# ସୋର ବିଜେଡି ପକ୍ଷରୁ ୨୯ ତମ ପ୍ରତିଷ୍ଠା ଦିବସ




ସୋର,୨୭।୧୨(ସମିସ) : ସୋର ବିଜେଡି ପକ୍ଷରୁ ବିଜୁଜନତା ଦଳର ୨୯ ତମ ପ୍ରତିଷ୍ଠା ଦିବସ ସୋର ପୌରାଞ୍ଚଳ ରାଧାନାଥ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଜୁଜନତା ଦଳର ବାଲେଶ୍ୱର ଜିଲ୍ଲା ପ୍ରାକ୍ତନ ଉପସଭାପତି ପ୍ରଦୀପ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧ?। ଯୋଗଦେଇ ବିଜେପି ସରକାରଙ୍କ ବିରୋଧରେ ମତବ୍ୟକ୍ତ କରିବା ସହିତ ବିଜେଡି ସରକାର ଲୋକଙ୍କ ସରକାର ଥିଲା ବୋଲି କହିଥିଲେ । ବରେଣ୍ୟ ଅତିଥି ଭାବେ ସୋର ବ୍ଲକ ଅଧକ୍ଷା ଅନୁସୟା ମଳିକ, ପ୍ରାକ୍ତନ ଜିଲ୍ଲା ପରିଷଦ ଅଧକ୍ଷ ଗିରିଶ ଚନ୍ଦ୍ର ଦାସ,ସୁକାନ୍ତ ମିଶ୍ର,ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ,ଶିଶିର ଅଗସ୍ତି, ନୀଳାମ୍ବର ମହାଳିକ, ପୂର୍ବତନ ପୌରାଧକ୍ଷ ବଙ୍କେଶ ବେହେରା, ଅଶୋକ ନାୟକ, ମହେନ୍ଦ୍ର କୁମାର ପାତ୍ର, ଶଙ୍କର୍ଷଣ ବାରିକ, ଅଶ୍ୱିନୀ ପଟ୍ଟନାୟକ, ବାହାନଗା ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ଶରତ କୁମାର ରାଜ, ଅଶ୍ୱିନୀ ମହାପାତ୍ର ,ପାରିଷଦ ରମେଶ ସିଂହ, କମଳାକାନ୍ତ ଘଡେଇ, ସେକ ରେହେମନ, ବିରଞ୍ଚନ ପଣ୍ଡା,ବ୍ଲକ ମହିଳା ସଭାନେତ୍ରୀ ପୁଷ୍ପଲତା ଜେନା ପ୍ରମୁଖ ଯୋଗଦେଇ ସୋର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ସଂଗଠିତ ହୋଇ ରହିଥିବା ନିଜ ନିଜର ବକ୍ତବ୍ୟରେ କହିଥିଲେ । ଏଥିରେ ସୋର ଏବଂ ବାହାନାଗା ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ/ ସଭ୍ୟା ମଞ୍ଚାସିନ ହୋଇ ନିଜନିଜର ବକ୍ତବ୍ୟରେ ବିଜେପି ସରକାରଙ୍କ ବିରୁଦ୍ଧରେ ମତବ୍ୟକ୍ତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଶତାଧିକ ମହିଳା ଓ ପୁରୁଷ, ଯୁବ କର୍ମୀମାନେ ଯୋଗଦେଇଥିଲେ । ପ୍ରାରମ୍ଭରେ ବଂଶୀଧର ପଣ୍ଡା ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଶେଷରେ ପୁଷ୍ପଲତା ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନିର୍ବାଚନ ମଣ୍ଡଳୀର ଯୁବ, ମହିଳା ଏବଂ ପୁରୁଷ କର୍ମୀ ମାନେ ପରିଚାଳନା କରିଥିଲେ । ଏହି ପ୍ରତିଷ୍ଠା ଦିବସ ଅବସରରେ ଅପରାହ୍ନରେ ସୋର ମେଡିକାଲରେ ଫିଜିଓଥେରାପି ସେଣ୍ଟର ସମେତ ବିଶ୍ରାମସ୍ଥଳକୁ ବିଧାୟକ ଶ୍ରୀ ଧଡ଼ା ଲୋକାର୍ପଣ କରିଥିଲେ ।

# ରେମୁଣାରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ




ରେମୁଣା,୨୭।୧୨(ସମିସ): ବିଜୁ ଜନତା ଦଳର ୨୯ ତମ ପ୍ରତିଷ୍ଠା ଦିବସ ସମାରୋହରେ ରେମୁଣା ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରାର୍ଥୀ ବିଦ୍ୟାସ୍ମିତା ମହାଳିକଙ୍କ ନେତୃତ୍ୱରେ ଦଳ ତରଫରୁ ଦୁର୍ଗାଦେବୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଉତରାୟପୁରର ନୂଆହାଟ ଛକ ଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଭୀମପୁରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭିମେଶ୍ୱର କଲ୍ୟାଣ ମଣ୍ଡପରେ ଦଳର କର୍ମୀମାନଙ୍କୁ ନେଇ ସଭାକାର୍ଯ୍ୟ କରାଯାଇଛି । ଉକ୍ତ ସଭାରେ ରେମୁଣା ବିଜେଡ଼ି ର ବ୍ଲକ୍ ସଭାପତି ମନୋରଂଜନ ରାଉତ୍ ସଭାପତିତ୍ୱ କରିଥିବା ବେଳେ,ମୁଖ୍ୟ ଅତିଥି ରୂପେ ରେମୁଣା ବ୍ଲକ୍ ଅଧକ୍ଷ ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ରାଉତ, ମୁଖ୍ୟବକ୍ତା ରୂପେ ବିଧାୟିକା ପ୍ରାର୍ଥୀ ବିଦ୍ୟାସ୍ମିତା ମହାଳିକ, ସମ୍ମାନିତ ଅତିଥି ରୂପେ ପୁର୍ବତନ ବ୍ଲକ୍ ଅଧକ୍ଷା ଗୌରୀମଣି ବେହେରା, ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷା ଉର୍ମିଳତା ଦାସ, ଜିଲ୍ଲା ପରିଷଦ ସଦସ୍ୟା କବିତା ପାଣି, କଲ୍ୟାଣୀ ବାରିକ୍, ବନ୍ଦିତା ନାୟକ, ସଦର ବ୍ଲକ୍ ସଭାପତି ଲକ୍ଷ୍ମୀନାରାୟଣ ଦାସ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ତାପସ ପାଣିଗ୍ରାହୀ ସତ୍ୟନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଦଳକୁ ସଂଗଠିତ କିପରି କରିବା ଏବଂ ବିଜୁ ଜନତା ଦଳର କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ନିଜ ନିଜର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବଡ଼ପାଳ ସରପଞ୍ଚ ଙ୍କ କମଳ ଲୋଚନ ପଣ୍ଡା, ଦହପଡ଼ା ସରପଞ୍ଚ ପ୍ରଣତୀ ଜେନା, ଚଷାଖଣ୍ଡ ସରପଞ୍ଚ କେଦାର ସାହୁ, କଲ୍ୟାଣପୁର ସରପଞ୍ଚ ରଞ୍ଜିତା ସାହୁ, ମଙ୍ଗଳପୁର ସରପଞ୍ଚ ରାମଚନ୍ଦ୍ର ଦାସ, ଶେରଗଡ଼ ସରପଞ୍ଚ ଦୟାନିଧି ମହାପାତ୍ର,ମନ୍ଦାରପୁର ସରପଞ୍ଚ ମଞ୍ଜୁଲତା ଦାସ, ଦୁର୍ଗାଦେବୀ ସରପଞ୍ଚ ଚୈତନ୍ୟ ମାଝୀ, ସୁତେଇ ସମିତି ସଭ୍ୟ ଗିରିଶ ଚନ୍ଦ୍ର ଦଳେଇ, ତୁଣ୍ଡରା ସମିତି ସଭ୍ୟ ପୃଥ୍ୱୀନାଥ ମୁର୍ମୁ, ମଙ୍ଗଳପୁର ସମିତି ସଭ୍ୟା ଅନ୍ନପୂର୍ଣ୍ଣା ସିଂ, ପତ୍ରିପାଳ ସମିତି ସଭ୍ୟ ହରୀମୋହନ ମାଝୀ, ଚଷାଖଣ୍ଡ ସମିତି ସଭ୍ୟା ଶେଖ୍ ଅଲି, ସାରଗାଁ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ବାବାଜି ନନା, ଅଜୟ ମହାଳିକ, ଗଣେଶ୍ୱର ସାହୁ, ଜ୍ଞାନରଞ୍ଜନ ନାୟକ, କପିଳେନ୍ଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ରେମୁଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତର ନେତୃବୃନ୍ଦ ଏବଂ ଶତାଧିକ ବିଜୁପ୍ରେମୀ ଉପସ୍ଥିତ ଥିଲେ । ସର୍ବଶେଷରେ ଉପସ୍ଥିତ ବିଜୁପ୍ରେମୀମାନେ ବିଜୁ ଜନତା ଦଳକୁ ସକ୍ରିୟ କରିବା ପାଇଁ ସଂକଳ୍ପ ନେଇଥିଲେ ।

## ଗୁହାଳିଆରେ ହାତୀ ଆତଙ୍କ

# ଭାଙ୍ଗିଲା ଝରକା ଗ୍ରିଲ୍, ଖାଇଲା ଧାନ





ନୀଳଗିରି, ୨୭।୧୨ (ସମିସ): ନୀଳଗିରିରେ ବାରମ୍ବାର କୁଲଡିହା ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଥିବା ବେଳେ ପୁଣି ଆତଙ୍କସୃଷ୍ଟି କରିଛି ଗୋଟିଏ ହାତୀ । ହାତୀଟି ଦୁଇଘଣ୍ଟା ଧରି ଗାଁରେ ଉପଦ୍ରବ କରିଚାଲିଥିବା ବେଳେ ଭୟରେ ଥିଲେ ଗ୍ରାମବାସୀ । ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ବାଉଁଶବଣିଆ ପଞ୍ଚାୟତ ଗୁହାଳିଆ ଗ୍ରାମରେ ଗତକାଲି ବିଳମ୍ବିତ ରାତ୍ରୀରେ କୁଲଡ଼ିହା ଅଭୟାରଣ୍ୟରୁ ଏକ ହାତୀ ପଶି ଆସିଥିଲା । ଉକ୍ତ ଗ୍ରାମର ଶାନ୍ତନୁ ପୁଟିଙ୍କ ପକ୍କାଘରର ଝରକା ଗ୍ରିଲ ଭାଙ୍ଗିବା ସହିତ ଘରଭିତରେ ଅମଳକରି ରଖିଥିବା ଧାନବସ୍ତାରୁ ଧାନ ଖାଇବାପରେ ଧାନ ବସ୍ତା ଗୁଡ଼ିକୁ ନଷ୍ଟ କରିଥିଲା । ସେହିପରି ଗ୍ରାମର କାର୍ତ୍ତିକ ଚନ୍ଦ୍ର ପୁଟିଙ୍କ ଘରର ଛପର ଏବଂ ବାଡିରେ ପଶି ଦୀର୍ଘ ଦୁଇଘଣ୍ଟାରୁ ଅଧିକ ସମୟ ହାତୀଟି ଉପଦ୍ରବ ଚଳାଇଥିଲା । ଗ୍ରାମବାସୀ ବନବିଭାଗକୁ ଖବର ଦେବା ପରେ ବନବିଭାଗ ପହଞ୍ଚି ହାତୀଟିକୁ ଜଙ୍ଗଲ ଭିତରକୁ ଘଉଡାଇ ଦେଇଥିବା ଜଣାପଡିଛି । ତେବେ ହାତୀ ବାରମ୍ବାର ଜଙ୍ଗଲ ପାଶ୍ୱର୍?ବର୍ତ୍ତୀ ଗାଁ ରେ ପଶି ବ୍ୟାପକ ନଷ୍ଟ କରୁଥିବାରୁ ବନବିଭାଗ ଅଧିକ ସଚେତନ ରହି ସୁରକ୍ଷା ବ୍ୟବସ୍ଥାଗ୍ରହଣ କଲେ ଗ୍ରାମ ଗୁଡ଼ିକରେ ଲୋକେ ଶାନ୍ତିରେ ରହି ପାରିବେ ବୋଲି ଗ୍ରାମବାସୀ କହିଛନ୍ତି ।

# ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର

ବାଲେଶ୍ୱର,୨୭।୧୨(ସମିସ):ରୋଟାରୀ କ୍ଲବ ପକ୍ଷରୁ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରୋଟାରୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଆପୋଲୋ ହସ୍ପିଟାଲ ସହଯୋଗରେ ଆୟୋଜିତ ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଭାତ ବେହେରା ଏଥିରେ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ବାଲେଶ୍ୱର ରୋଟାରୀ କ୍ଲବ ସଭାପତି ଦେବାଶିଷ ଦାସ ପୌରୋହିତ୍ୟ କରିଥିଲେ । କ୍ଲବର ବରିଷ୍ଠ ସଦସ୍ୟ ସୁବ୍ରତ କର, ବିଷ୍ଣୁ ଦାସ କୁଣ୍ଡୁ, ଡାକ୍ତର ଗୀତା ଗିରି ଯୋଗ ଦେଇଥିଲେ । କମିଟିର ସଭାପତି ପ୍ରବାଳ ସିହ୍ନା ଧନ୍ୟବାଦ ଦେଇଥିଲେ ।

# କଷାଫଳ ବେଳାଭୂମି ମହୋତ୍ସବ ଉଦ୍‌ଘାଟିତ




କାଳିପଦା, ୨୭।୧୨ (ସମିସ): କଷାଫଳ ପଞ୍ଚାୟତସ୍ଥିତ ସିଦ୍ଧ ପୁରୁଷ ବାବା ସାରଙ୍ଗ ଦେବ ପୀଠ ନିକଟରେ ବାବା ବାଲ ଗଣେଶ କ୍ଲବ ତରଫରୁ ଶୁକ୍ରବାର କଷାଫଳ ବେଳାଭୂମି ମହୋତ୍ସବ ପ୍ରଥମ କରି ଉଦଘାଟିତ ହୋଇଯାଇଛି । ମହୋତ୍ସବ ସମ୍ପର୍କ ଯୋଡ଼େ ତଥା ଅଞ୍ଚଳର ବିକାଶର କଥା କହେ ବୋଲି ଏହି ଉତ୍ସବରେ ଅତିଥିମାନେ ଯୋଗ ଦେଇ କହିଛନ୍ତି । ଏହି ମହୋତ୍ସବ ସାତ ଦିନଧରି ଚାଲିବ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆମନ୍ତ୍ରିତ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ ପ୍ରଭୁ ଜଗନ୍ନାଥଙ୍କୁ ଧୂପ, ଦୀପ, ମାଲ୍ୟାର୍ପଣ ଆଦି କରାଯାଇଥିଲା । ପରେ ଅଧାପକ ସଚିନ୍ଦ୍ର ଦତ୍ତ ମଞ୍ଚ ପରିଚାଳନା ତଥା କଷାଫଳ ଗ୍ରାମର ବାବା ସାରଙ୍ଗ ଦେବ, ଜଗନ୍ନାଥ ମନ୍ଦିର ର ସମ୍ଯକ କିମ୍ବଦନ୍ତୀକୁ ସୁନ୍ଦର ଭାବରେ ବଖାଣି ଥିଲେ । ଆମନ୍ତ୍ରିତ ଅଥିତିମାନଙ୍କୁ ମଞ୍ଚାସୀନ ପୂର୍ବକ ପରିଚୟ ପ୍ରଦାନ ତଥା ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ଉଦଘାଟନ ଉତ୍ସବରେ ମୁଖ୍ଯ ଅତିଥି ଭାବେ କଷାଫଳ ପଞ୍ଚାୟତର ସରପଞ୍ଚ ଜୟନ୍ତୀ ଆଦିକ, ମୁଖ୍ୟ ବକ୍ତା ଙ୍କ ନନ୍ଦଦୁଲାଲ ଘଡାଇ, ସମ୍ମାନିତ ଅତିଥି ଭାବେ ଶିବାନନ୍ଦ ପାତ୍ର, ବର୍ତ୍ତମାନର ନାୟବ ସରପଞ୍ଚ ପ୍ରିୟରଞ୍ଜନ ପୃଷ୍ଟି, ସମିତି ସଭ୍ୟ ପ୍ରିୟଙ୍କା ଜେନା, ଯୁବ ସମାଜ ସେବୀ ମୁକୁନ୍ଦ ଆଦିକ୍, ବରେନ୍ଦ୍ର ପାତ୍ର, ନିରଞ୍ଜନ ପାତ୍ର, ପ୍ରମୁଖ ଉପସ୍ଥି ଥିଲେ । ଅତିଥି ବୃନ୍ଦ ଆୟୋଜକ ବାଲଗଣେଶ କ୍ଲବର ସଭାପତି ଗୋପୀ କୃଷ୍ଣ ପାତ୍ର, ସଂପାଦକ ସତ୍ପେଶ୍ୱର ପାତ୍ର, ସମସ୍ତ ସଭ୍ୟ ମାନଙ୍କୁ ଭୂୟସୀ ପ୍ରଶଂସା, ତଥା ସମସ୍ତଙ୍କ ସାହାଯ୍ୟ ସହଯୋଗ, ଶୃଙ୍ଖଳା, ଉନ୍ନତି, କାମନା କରିଥିଲେ । ସର୍ବ ଶେଷରେ ଦିଲିପ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା ।

# ସୋର ଡାକ୍ତରଖାନାରେ ଫିଜିଓଥେରାପି ସେଣ୍ଟର ଉଦ୍‌ଘାଟିତ

ସୋର,୨୭।୧୨(ସମିସ): ସୋର ଡାକ୍ତରଖାନା ପରିସରରେ ଲୋକମାନଙ୍କ ଉଦେଶ୍ୟରେ



ଫିଜିଓଥେରାପି ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି । ଏହି ସେଣ୍ଟରକୁ ସୋର ବିଧାୟକ ମାଧବ ଧଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ ।ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ ସୋର ଡାକ୍ତରଖାନାର ଅଧିକ୍ଷକ ଡା.କାଶିନାଥ ପଣ୍ଡା,ସୋର ବିଡିଓ ସତ୍ୟନାଥ ନାୟକ ଓ ଫିଜିଓଥେରାପିଷ୍ଟ ସାୱନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସେଣ୍ଟରଟି ସକାଳ ୮ ଟାରୁ ମଧାହ୍ନ ୨ଟା ପର୍ଯ୍ୟନ୍ତ ଖୋଲା ରହିବ ।ଏହି ଫିଜିଓଥେରାପି ସେଣ୍ଟର ଦ୍ୱାରା ସୋର, ବାହାନଗା, ସିମୁଳିଆ, ଖଇରା, ଔପଦା ଆଦି ବ୍ଲକର ଲୋକ ମାନେ ବିଶେଷ ଉପକୃତ ହେବେ ବୋଲି ଜଣାପଡିଛି ।

## ନୀଳଗିରି କ୍ରିକେଟ ଲିଗ୍ ସିଜିନ-୫

# ଫାଇନାଲରେ ମହାବୀର ୟୁନାଇଟେଡ୍




ନୀଳଗିରି, ୨୭।୧୨ (ସମିସ): ନୀଳଗିରି କ୍ରିକେଟ ଲିଗ୍ ସିଜିନ -୫ର ଦ୍ୱିତୀୟ ସେମିଫାଇନାଲର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ କୈଳାସ ଚନ୍ଦ୍ର ହାଇସ୍କୁଲ ପଡିଆରେ ମହାବୀର ୟୁନାଇଟେଡ ଏବଂ ବାବା ସର୍ବେଶ୍ୱର ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ଏକ ରୋମାଞ୍ଚକର ମ୍ୟାଚରେ ୧୩୦ରନର ପିଛାକରି ମହାବୀର ୟୁନାଇଟେଡ ୧୧ଓଭରରେ ୬ଟି ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି । ପ୍ରଥମେ ବାବା ସର୍ବେଶ୍ୱର ଫାଇଟର ନିର୍ଦ୍ଧାରିତ ୧୨ଓଭରରେ ୧୩୦ରନ୍ ର ବିଶାଳ ସ୍କୋରକରି ପ୍ରତିପକ୍ଷ ଦଳକୁ ଟାର୍ଗେଟ ଦେଇଥିବା ବେଳେ ମହାବୀର ୟୁନାଇଟେଡ ସହଜରେ ଏହିଲକ୍ଷ୍ୟକୁ ହାସଲ କରିନେଇଥିଲେ । ମହାବୀର ଦଳର ମୀର ହୁସେନ୍ ୨୦ରନ୍ ଦେଇ ୩ଟି ମୂଲ୍ୟବାନ ୱିକେଟ ନେଇଥିବା ବେଳେ ୨୩ବଲ୍‌ରୁ ୪୭ରନ୍ ସଂଗ୍ରହ କରି ନଟଆଉଟ୍ ରହି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଦେବାଶିଷ ବେହେରା ଏବଂ ଜଗନ୍ନାଥ ଦାସ ଆଜିର ମ୍ୟାଚ୍ ପରିଚାଳନା କରିଥିଲେ । ଶେଷରେ ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇ ଖେଳାଳୀ ଏବଂ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ ।

## ● ଯୁକ୍ତ ୩ ଇଂରାଜୀ ପରୀକ୍ଷା

# ପୁନଃ ମୂଲ୍ୟାୟନ ପରେ ଶୁଭଶ୍ରୀ ଟପ୍ପର



ଭୋଗରାଇ, ୨୭।୧୨(ସମିସ): ସଦ୍ୟ ପ୍ରକାଶିତ ଯୁକ୍ତ ୩ ଇଂରାଜୀ ସମ୍ମାନ ପରୀକ୍ଷାରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ପାତ୍ର ୟୁନିଭରସିଟି ଟପ୍ପର ହୋଇଛନ୍ତି । ପୂର୍ବରୁ ସେ ଯୁକ୍ତ ଦୁଇ କଳା ପରୀକ୍ଷାରେ ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନରୁ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ମୁଣ୍ଡାବଣିଆ ଗ୍ରାମର ପ୍ରଧାନଶିକ୍ଷକ ତାପସ କୁମାର ପାତ୍ର ଓ ମାତା ଆଲପନା ପାତ୍ରଙ୍କ ସାନଝିଅ ଶୁଭଶ୍ରୀ ବିଳମ୍ବରେ ହେଲେ ମଧ୍ୟ କଲେଜ କର୍ତ୍ତୃପକ୍ଷ ସଠିକ୍ ନିରୂପଣ କରି ଚୂଡ଼ାନ୍ତ ନୋଟିସ ବାହାର କରିଥିବାରୁ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ସୂଚନାଯୋଗ୍ୟ ଚଳିତ ବର୍ଷ ଜୁନ ୩ ତାରିଖ ମହାବିଦ୍ୟାଳୟର ଫଳ ପ୍ରକାଶ ପାଇଥିଲା । ଏଥିରେ + ୩ ଇଂରାଜୀ ସମ୍ମାନରେ ସ୍ୱାଗତିକା ରଥଙ୍କୁ ଟପ୍ପର ଘୋଷଣା କରାଯାଇଥିଲା । ଶୁଭଶ୍ରୀ ନିଜ ମାର୍କରେ ଅସନ୍ତୋଷ ପ୍ରକାଶ କରି ପୁନଃ ମୂଲ୍ୟାୟନ ପାଇଁ ଆବେଦନ କରିଥିଲେ । ପୁନଃ ମୂଲ୍ୟାୟନ ପରେ ଶୁଭଶ୍ରୀଙ୍କୁ ଟପ୍ପର ଘୋଷଣା କରାଯାଇଛି । ଭବିଷ୍ୟତରେ ଅଧାପନା କରିବାକୁ ଲକ୍ଷ୍ୟ ରଖିଥିବା ଶୁଭଶ୍ରୀ ପ୍ରକାଶ କରିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ

ଭୋଗରାଇ,୨୭।୧୨(ସମିସ): ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତର ସେହି ଗ୍ରାମରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଉଦଯାପିତ ହୋଇଛି । ଏଥିରେ ପରିଚାଳନା ସମିତିର ସଭାପତି ଶୈଳଜା ନନ୍ଦନ ଚାଟାର୍ଜୀ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ସାଂସଦ ପ୍ରତିନିଧି ଆଶିଷ ପାତ୍ର ଯୋଗଦେଇ ରାଷ୍ଟ୍ରବାଦି ଚେତନାରେ ଅନୁପ୍ରାଣୀତ ହେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଡ. ନରୋତ୍ତମ ପରିଡ଼ା, ସମ୍ମାନିତ ଅତିଥି ଭାବେ ଅନନ୍ତ ଦାସ ଫାଉଣ୍ଡେସନର ସଭାପତି ଇଂ ଅଭିଜିତ ଦାସ ବକ୍ତବ୍ୟ ରଖିଥିଲେ । ସମ୍ପାଦକ ଶ୍ରୀନିବାସ ପ୍ରଧାନ ଅତିଥି ପରିଚୟ ପ୍ରଦାନ, ପ୍ରଧାନ ଆଚାର୍ଯ୍ୟ ଭାଗ୍ୟଶିଷ ପତି ଧନ୍ୟବାଦ ଅର୍ପଣ କରିଥିଲେ । ଗୁରୁବାର ସକାଳେ ଅନୁଷ୍ଠିତ ସଭାରେ ଡାକ୍ତର ଗୋପାଳ ଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥଲେ । ମୁଖ୍ୟବକ୍ତା ଭାବେ ଶ୍ୟାମ ସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା ଜ୍ଞାନୀ ଗୁଣି ବ୍ୟକ୍ତି ବିଶେଷ ମାନେ ନିରବତା ଅବଲମ୍ବନ ନକରି ଅନ୍ୟାୟ, ଭ୍ରଷ୍ଟାଚାରକୁ ବିରୋଧ କଲେ ଯାଇ ଯୁବ ପିଢ଼ିଙ୍କ ମଧ୍ୟରେ ଏଥିପ୍ରତି ଆଗ୍ରହ ଓ ସାହସ ସଞ୍ଚାର ହେବ ବୋଲି କହିଥିଲେ । ସେହିପରି ଗୁରୁବାର ସନ୍ଧ୍ୟା ଓ ଶୁକ୍ରବାର ସକାଳେ ମଧ ସଭା ଅନୁଷ୍ଠିତ ହେଇଥିଲା । ପ୍ରତ୍ୟେକ ସଭାରେ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆକର୍ଷଣୀୟ ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହେଇଥିଲା । ବିଜୟିନୀ ପ୍ରଧାନ, ସୁଶୀଲ କୁମାର ମହାନ୍ତି, ଗଣେଶ ଚନ୍ଦ୍ର ଦେ, ମଞ୍ଜୁଲତା ପାଣିଗ୍ରାହୀ, ସନ୍ତୋଷୀ ବାଳା ନାଥ, ଗୀତାଞ୍ଜଳୀ ମହାନ୍ତି, ଚନ୍ଦ୍ର ଶେଖର ଦେ, ସବିତା ଦାସ, ସଞ୍ଜିତା ଦାସ, ଅନୁଶୃତି ମିଶ୍ର, ମିନତୀ ଗିରି, ସଂଘମିତ୍ରା ପ୍ରଧାନ, ସୁଧାପ୍ରୀୟା ଦାସ, ଅମୂଲ୍ୟ ସାହୁ, ସମସ୍ତ ଗୁରୁଜୀ/ ଗୁରୁମା, ଅଭିଭାବକ ଓ ପରିଚାଳନା ସମିତିର କର୍ମକର୍ତ୍ତା ମାନେ ପରିଚାଳନା କରିଥଲେ ।

# କାଳିପଦା ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି

କାଳିପଦା, ୨୭।୧୨ (ସମିସ) : ବାଲିଆପାଳ ବ୍ଲକ କାଳିପଦା ଅଞ୍ଚଳରେ ଏବେ ଅତ୍ୟଧିକ ପରିମାଣରେ ମାଦକ ଦ୍ରବ୍ୟ ବିକ୍ରି ହେଉଥିବା ବେଳେ ପ୍ରତିଦିନ ଚୋରି ରାହାଜାନି ସଂଖ୍ୟା ବୃଦ୍ଧି ପାଉଛି । ଯାହାର ମୁଖ୍ୟ କାରଣ ଏ ଅଞ୍ଚଳରେ ନିଶା ସେବନ କାରୀଙ୍କ ସଂଖ୍ୟା ବୃଦ୍ଧି । ଏହି ବ୍ଲକରେ ଏବେ ଅତ୍ୟଧିକ ମାଦକ ଦ୍ରବ୍ୟ ବିକ୍ରି ହେଉଥିବା ବେଳେ ପ୍ରତି ଛକ ବଜାରରେ ଚୋରାରେ ଏସବୁ ମିଳୁଛି । ଅବକାରୀ ବିଭାଗ ଏ ନେଇ ନୀରବ ରହୁଛନ୍ତି । ଏଥିପାଇଁ ନୂଆ କରି ଆସିଥିବା ଅବକାରୀ ଅଧିକାରୀ ଦୃଷ୍ଟି ଦିଅନ୍ତୁ ବୋଲି ଦାବି ହୋଇଛି । ଏହି ଅଞ୍ଚଳରୁ ଅନେକ ଯୁବକ ଗଞ୍ଜେଇ, ବ୍ରାଉନ ସୁଗାର, ବିଦେଶୀ ମଦ, ମହୁଲି କାରବାର କରି ନିକଟବର୍ତ୍ତୀ ବ୍ଲକ ଜଳେଶ୍ୱରରେ ଧରା ପଡୁଥିବା ବେଳେ ବାଲିଆପାଳ ଅବକାରୀ ଓ ପୁଲିସ କେମିତି ସେମାନଙ୍କୁ ଧରି ପାରୁ ନାହିଁ ? ଏ ନେଇ ସମସ୍ତ ଛକ ବଜାରରେ ଚର୍ଚ୍ଚା ହେଉଛି । ଯେତେବେଳେ ଏଠାରେ ଅବକାରୀ ବିଭାଗ ଥାନା ନଥିଲା ବାଲେଶ୍ୱର ଓ ବସ୍ତା ଅବକାରୀ ବିଭାଗ ଅଧିକାରୀମାନେ ବାରମ୍ବାର ରେଡ କରି ପୁଳା ପୁଳା ଗଞ୍ଜେଇ, ମହୁଲି, ବିଦେଶୀ ମଦ ଜବତ କରୁଥିଲେ । କିନ୍ତୁ ଏଠାରେ ଥାନା ହେବା ପରଠାରୁ କୌଣସି ଗୋଟିଏ ବି ବଡ ସଫଳତା ବାଲିଆପାଳ ଅବକାରୀ ଓ ପୁଲିସକୁ କାହିଁକି ମିଳୁନି ତାହା ଏବେ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରକୃତରେ ବାଲିଆପାଳ ଅବକାରୀ ବିଭାଗ କିଛି ଜାଣିପାରୁ ନାହିଁ ନା ସମସ୍ତେ ଠିକ୍ ଭାବରେ ଡିଲ କରି ଦେଉ ଥିବାରୁ କାହାରିକୁ ନଧରି କେବଳ ଦେଶୀ ମହୁଲି ଜବତ କରାଯାଉଛି । ଯଦି ଆଗାମୀ ଦିନରେ ବାଲିଆପାଳ ଅବକାରୀ ଓ ପୁଲିସ ବିଭାଗ କୌଣସି ପଦକ୍ଷେପ ଗ୍ରହଣ ନକରି ଚୁପ୍ ଚାପ ବସିରହେ ତେବେ ଜିଲ୍ଲାପାଳଙ୍କୁ ଜଣାଇବା ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଏହି ବିଷୟରେ ଅବଗତ କରାଯିବ ବୋଲି ସୂଚନା ଅଧିକାର ଅଭିଯାନ ସଙ୍ଘ କହିଛି । ଅନ୍ୟପକ୍ଷରେ କାଳିପଦା, ଜଗାଇ, ପ୍ରତାପପୁର, ଡଗରା, ଚୌମୁଖ ଆଦି ସ୍ଥାନରେ ଗଲା କେତେଦିନ ହେବ ଚୋରି ଓ ରାହାଜାନି ବୃଦ୍ଧି ପାଇଛି । ଚୋର ମାନେ ଗାଡି ମଟରରୁ ଚତୁରତାର ସହ ବ୍ୟାଟେରୀ ଓ ଯନ୍ତ୍ରାଂଶକୁ ଲୁଟି ନେଇ ଯାଉଛନ୍ତି । ତପନ ଜେନା, ଗୌରାଙ୍ଗ ବେହେରା, ଚତୁର୍ଭୁଜ ବାରିକ ପ୍ରମୁଖ ଜାମାକୁଣ୍ଡା ଫାଣ୍ଡିରେ ଏନେଇ ଲିଖିତ ଅଭିଯୋଗ କଲା ପରେ ପୁଲିସ ଚୋରି ସାମଗ୍ରୀକୁ ଉଦ୍ଧାର କରିଥିବା ବେଳେ ଚୋର ମାନଙ୍କୁ ଗିରଫ କରିନାହିଁ । ସେମାନେ ଫେରାର ଥିବା ପୁଲିସ କହିଛି ।

# ନରହରିପୁର ଗ୍ରାମୀଣ ମେଳା ଉଦ୍‌ଘାଟିତ

ରେମୁଣା,୨୭।୧୨(ସମିସ)




ରେମୁଣା ଏନଏସି ଅନ୍ତର୍ଗତ ନରହରିପୁର ଗ୍ରାମୀଣ ମେଳା ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦଘାଟନୀ ସନ୍ଧ୍ୟାରେ ନରହରିପୁର ଗ୍ରାମୀଣ ମେଳାର ସଭାପତି ଅନିରୁଦ୍ଧ ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ବାଲେଶ୍ୱର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ ଯୋଗଦେଇ ଏହି ମେଳା ଗ୍ରାମୀଣ କଳାକୁ ଉଦଜୀବିତ କରୁଛି । ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଯୋଗଦେଇ ଆଜିକା ସମୟର ପିଲାମାନେ ମୋବାଇଲ ଦେଖିବା ବଦଳରେ ପୁସ୍ତକ ପଢ଼ିବାର ଆବଶ୍ୟକତା ରହିଛି । ଏହା ସହିତ ଭାରତବର୍ଷର ଅର୍ଥନୈତିକ ଓ ରାଜନୈତିକ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଇମାମୀ କାଗଜକଳର ବରିଷ୍ଠ ଅଧିକାରୀ ମନୋଜ ପାଢ଼ୀ ଯୋଗଦେଇ ସହରୀ ମେଳାଠୁ ଉନ୍ନତି ଧରଣର ଏହି ମେଳା । ଯାହାକି ସମସ୍ତଙ୍କୁ ଆକୃଷ୍ଟ କରିଥାଏ । ଏହି ଅବସରରେ ଅନୁଷ୍ଠାନର ସମ୍ପାଦକ ରବିନାରାୟଣ ପତି ପ୍ରାରମ୍ଭିକ ସୂଚନା ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସାଂସ୍କୃତିକ ସମ୍ପାଦକ ଶଶିକାନ୍ତ ଦାସ ଓ ସୁନୀଲ ମାଝୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ମଞ୍ଚ ଆହ୍ୱାନ, ଅତିଥି ପରିଚୟ ପ୍ରଦାନ କରିବା ସହିତ ବେଦପାଠ କରିଥିଲେ । ଗୁରୁ ସୋମପ୍ରକାଶ ପଟ୍ଟନାୟକ ଓ ସାଥୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଦୁଷ୍ମନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସଭାକାର୍ଯ୍ୟ ପରେ ଓଡିଶା ସରକାର ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଛଉ ନୃତ୍ୟ ପରିବେଷଣ ସହ ଆଞ୍ଚଳିକ କଳାକାରମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା । ମନୋଜ ମାଝୀ, ସଞ୍ଜୟ ଗୋପାଳ ବେହେରା, ଚୈତନ୍ୟ ମାଝୀ, ମିଟୁ ମାଝୀ, ନିଗମ ସାହୁ, ଦିଲ୍ଲୁ ସେଠୀ, ସୁନୀଲ ମାଝୀ, ଶଶୀକାନ୍ତ ଦାସ, ଗୌରାଙ୍ଗ ସାମଲ, କିଶୋର ବେହେରା, କୈଳାସ ମାଝୀ, ବିକାଶ ମାଝୀ, ସରୋଜ ସାନ୍ତରା ସହିତ କମିଟିର ସମସ୍ତ ସଦସ୍ୟ ସଦସ୍ୟା ପରିଚାଳନାରେ ସହଯୋଗ କରିଥିଲେ ।







ଏକାଦଶାହ ଉପଲକ୍ଷେ



✓ସନ୍ତୋଷ କୁମାର ମହାନ୍ତି
୧୦୮/ଏ, ଲୋଟସ୍ ହାଉସ୍, ଷ୍ଟେସନ ସ୍କୋୟାର, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର
ଆବିର୍ଭାବ - ୨୬.୦୬.୧୯୫୫
ତିରୋଧାନ - ୧୮.୧୨.୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ନିବେଦନ କରୁଅଛୁ ।
-: ଶୋକାସନ୍ତପ୍ତ :-
ଝିଅ-ଜ୍ୱାଇଁ : ପ୍ରଜ୍ଞାସ୍ମିତା-ଡା. ଦିପ୍ତିକାନ୍ତ, ସୁଚିସ୍ମିତା-ଜ୍ୟୋତି ରଞ୍ଜନ
ନାତି ଓ ନାତୁଣୀ- ଲକ୍ଷଜିତ୍, ଜାନ୍‌ଭି, ଲକ୍ଷିତେଶ
ଏବଂ ବନ୍ଧୁ ଓ ପରିବାର ବର୍ଗ

● ଘସିପୁରା ସହକାରୀ ଯନ୍ତ୍ରୀଙ୍କ ଚଞ୍ଚକତା

# ବିଜିବିଓ ଯୋଜନା ହରିଲୁଟ୍






ଆନନ୍ଦପୁର, ୨୭।୧୨(ସମିସ): ଗ୍ରାମାଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ବିକଶିତ ଗାଁ ବିକଶିତ ଓଡ଼ିଶା ନୂତନ ଯୋଜନା ଆରମ୍ଭ କରିଛନ୍ତି। ତେବେ ଆରମ୍ଭରୁ ଯୋଜନା ବାଟମାରଣା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଘସିପୁରା ବ୍ଲକ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଛି। ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ କାର୍ଯ୍ୟକୁ ଦେଖାଇ ଏହି ଯୋଜନାର ଅନୁଦାନକୁ ସମ୍ପୂର୍ଣ୍ଣ ହରିଲୁଟ୍ କରାଯାଇଥିବା ଦର୍ଶାଯାଇଛି। ସୂଚନା ଅନୁସାରେ, ଘସିପୁରା ବ୍ଲକ୍ ଦେଓଗାଁ ପଞ୍ଚାୟତକୁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଏହି ଅନୁଦାନରେ ହାତୀଶିଳା ଗ୍ରାମର ପୋଖରୀ କୂଳରେ ଗାର୍ଡୱାଲ କରାଯାଇଥିବା ନେଇ ଏକ ଫଳକ ଲଗାଯାଇଛି। ଅଭିଯୋଗ ଅନୁସାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କରାଯାଉଥିବାବେଳେ ଏହି ବିଭାଗର ପକ୍ଷରୁ ପୂର୍ବରୁ ଗାର୍ଡୱାଲ ନିର୍ମାଣ କରାଯାଇଥିଲା। ତେବେ ଏହି ଗାର୍ଡୱାଲକୁ ପଞ୍ଚାୟତ ତରଫରୁ ନିର୍ମାଣ କରାଯାଇଥିବା ଦର୍ଶାଯାଇ ଏକ ମିଥ୍ୟା ଫଳକ ଲଗାଯାଇ ଅନୁଦାନକୁ ହରିଲୁଟ୍ କରାଯାଇଛି। ସହକାରୀ ଯନ୍ତ୍ରୀ, କନିଷ୍ଠଯନ୍ତ୍ରୀ ଓ ସରପଞ୍ଚ କ୍ଷମତାର ଅପବ୍ୟବହାର କରି ଏହି ଅନୁଦାନକୁ ହଡପ୍ କରିଥିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ କରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ତିନିମାସ ତଳୁ ବଦଳି ହୋଇଥିବା କନିଷ୍ଠଯନ୍ତ୍ରୀ କିଭଳି ଏହି ବିଲ୍ କଲେ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ପଞ୍ଚାୟତର ପ୍ରକାଶ କୁମାର ବଳ, ବିବେକାନନ୍ଦ ମହାନ୍ତି, ବାଇଧର ସାହୁ, ଲମ୍ବୋଦର ମାଝୀ, ନିରାକାର ସାହୁ, ସୁକାନ୍ତ କୁମାର ସିଅଳ, ତାପସ କୁମାର ବଳ, ଅଚ୍ୟୁତାନନ୍ଦ ବାରିକ୍, ରଞ୍ଜନ କୁମାର ବଳ, ଦୋଳଗୋବିନ୍ଦ ଜେନା, କେଶବଚନ୍ଦ୍ର ସାହୁଙ୍କ ସମେତ ଶତାଧିକ ଜନସାଧାରଣ ଏହି ଅଭିଯୋଗପତ୍ର ମାଧ୍ୟମରେ ପଞ୍ଚାୟତିରାଜ ମନ୍ତ୍ରୀ, ସଚିବ, କେନ୍ଦୁଝର ଜିଲ୍ଲାପାଳ, ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ମନରେଗାରେ ଗାନ୍ଧୀଙ୍କ ନାମ ବାଦ୍‌କୁ କଂଗ୍ରେସର ବିରୋଧ



କେନ୍ଦୁଝର, ୨୭।୧୨(ସମିସ): କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କର୍ମୀମାନେ ବିକ୍ଷୋଭ କରିଛନ୍ତି। ଏକ ବିରାଟ ଶୋଭାଯାତ୍ରାରେ କଂଗ୍ରେସ ଭବନଠାରୁ କେନ୍ଦୁଝର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ଯାଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ମନୋଜ ଜେନା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ସାଂସଦ ଯଶବନ୍ତ ସିଂ ଲାଗୁରି, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ପୂର୍ବତନ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାୟକ, ଘସିପୁରା କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଚକ୍ର, ଜିଲ୍ଲା ପଛୁଆବର୍ଗ କଂଗ୍ରେସ ସଭାପତି ଯଦୁମଣି ବାରିକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ବ୍ଲକ ସଭାପତି ସୁବ୍ରତ କୁମାର ନାୟକ, ରାମଚନ୍ଦ୍ର ମହାରଣା, ଅମିତ ମହାନ୍ତ, ରଂଜିତ ବେହେରା, ହାଡିବନ୍ଧୁ ଖୁଣ୍ଟିଆ, କଂଗ୍ରେସ ନେତା ବସନ୍ତ ଦାସ, ଲଳିତ ମୋହନ ନାୟକ, ଚିତ୍ତରଞ୍ଜନ ପାତ୍ର, ଦିନେଶ ରାଉତ, ସୁଢ଼ଳ ସାହୁ, ସୁବଳ ରାଉତ, ଯୁବନେତା ମାନସ ରଞ୍ଜନ ଜେନା, ସୁବ୍ରତ ପ୍ରଧାନ, ପ୍ରଦୀପ ବେହେରା, ପ୍ରମୋଦ ବେହେରା, ସୌମ୍ୟରଞ୍ଜନ ରାଉତ, ଦିଲ୍ଲୀପ ଜେନା, ଗୌରହରି ନାଏକ, ହୃଦୟ ରଞ୍ଜନ ସିଂହ, ଦିବ୍ୟ ସିଂହ, ସୁଶାନ୍ତ ଜେନା, ସୃଜନୀ ନାଏକ ଓ ଦିଲ୍ଲୀପ ସାହୁ ଉପସ୍ଥିତ ଥିଲେ।

ବନ ବିଭାଗର ଚଢ଼ଉ

# ମାଙ୍ଗାନିଜ୍ ବୋଝେଇ ୩ ଡମ୍ଫର ସହ ବାଇକ୍ ଜବତ



ଯୋଡ଼ା,୨୭।୧୨(ସମିସ): ଶୁକ୍ରବାର ବିଳମ୍ବିତ ରାତ୍ରିରେ ଯୋଡା ସେକ୍ସନ ବୈତରଣୀ(କ) ସଂରକ୍ଷିତ ଜଙ୍ଗଲ ନିକଟ ତିରିଂ ପାହାଡ଼ ନିକଟରୁ ବନ ବିଭାଗ ଚଢ଼ଉ କରି ଚୋରା ଚାଲାଣ ହେଉଥିବା ମାଙ୍ଗାନିଜ ବୋଝେଇ ୩ଟି ଡମ୍ଫର ଓ ଗୋଟିଏ ବାଇକ୍ ଜବତ କରିଛି। ଚମ୍ପୁଆ ରେଞ୍ଜ ଅଧିକାରୀ ଅକ୍ଷୟ ଛତ୍ରିଆଙ୍କ ନେତୃତ୍ୱରେ ଯୋଡା ବନପାଳ ତ୍ରିନାଥ ଜେନା, ଯୋଡା ବନରକ୍ଷୀ ଦେବାଶିଷ ମହାପାତ୍ର, ଜୁରୁଡ଼ି ବନରକ୍ଷୀ ସୁରଜ ଦାସ, ବନରକ୍ଷୀ ସୁବ୍ରତ ପାତ୍ର ଏବଂ ସରୋଜ ନାଏକଙ୍କ ସହିତ ବାମେବାରି ଓ ଯୋଡା ବନ ସ୍କ୍ୱାଡ ଏହି ଚଢଉ କରିଥିଲେ। ଅନ୍ଧାରର ସୁଯୋଗ ନେଇ ଚୋରମାନେ ଛତ୍ରଭଙ୍ଗ ହୋଇ ନଦୀ ପଥର ଡେଇଁ ଦୌଡ଼ି ପଳାଇଥିବା ବେଳେ ଡମ୍ଫର ନଂ (ଓଆର୍୦୯ ଏଲ ୭୫୧୬, ଓଆର୍୦୯କେ ୭୬୨୩, ଓଆର୍ ୦୯ଜେ ୭୭୩୧ ଏବଂ ଗୋଟିଏ ବାଇକ୍ ନଂ ଓ ଆର୍ ୦୯ ପି ୮୯୫୭କୁ ଜବତ କରାଯାଇଛି। ୩ଟି ଡମ୍ଫରରେ ପ୍ରାୟ ୨୫ ମେଟ୍ରିକ୍ ଟନ୍ ଉନ୍ନତ ମାନର ଗୁଣ୍ଡ ମାଙ୍ଗାନିଜ ବୋଝେଇ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିଆ ସୂଚନା ଦେଇଛନ୍ତି। ଏନେଇ ଚମ୍ପୁଆ ରେଞ୍ଜରେ ଏକ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ ଯେ କିଛି ଦିନ ପୂର୍ବରୁ ଖଣି ବିଭାଗ ଦ୍ୱାରା ଗାଡ଼ି, ମେସିନ ସହ ଲକ୍ଷାଧିକ ଟଙ୍କାର ଖଣିଜ ଜବତ ହୋଇଥିଲା।

## ରାତିଅଧରେ ଫସଲ ଉଜାଡ଼ିଲେ ହାତୀପଲ

ଚମ୍ପୁଆ, ୨୭।୧୨(ସମିସ): ଚମ୍ପୁଆ ବନାଞ୍ଚଳରେ ହାତୀ ଉପଦ୍ରବ ବର୍ଷସାରା ଲାଗି ରହିଥିବା ବେଳେ ଗ୍ରାମଞ୍ଚଳ ଛାଡ଼ି ହାତୀପଲ ବର୍ତ୍ତମାନ ଏନଏସି ଅଧୀନ ଗୋଧୂଳି ଗ୍ରାମରେ ପ୍ରବେଶ କରି ମନୋଜ ନାଏକ, ନିର୍ମଳ ନାଏକ, ଗାନ୍ଧାରୀ ନାଏକ, ସୁଦର୍ଶନ ନାଏକ, ଦଶରଥ ନାଏକ, ମଙ୍ଗଳ ନାଏକ, ଫକିର ନାଏକ, ମିଟୁ ନାଏକ, ସ୍ୱରୁଜୁ ନାଏକ, ଜିତେନ୍ଦ୍ର ନାଏକ ଆଦିଙ୍କ ଏକର ଏକର ମକା କଶି ବା ଫୁଲ ଲାଗିଥିବା ଗଛକୁ ଭାଙ୍ଗି ଦଳି ଚକଟି ଉଜାଡ଼ି ଦେଇଛନ୍ତି। ବାଇଗଣ, ମଟର, ବିମ, କୋବି ଆଦି ପନିପରିବା ନଷ୍ଟ କରି ଦେଇଛନ୍ତି। ହାତୀପଲ ଆସିବାର କୌଣସି ପୂର୍ବ ସୂଚନା ନଥିବାରୁ ଗ୍ରାମବାସୀ ନିଜ କଷ୍ଟ ଉପାର୍ଜିତ ଫସଲର ସୁରକ୍ଷା ଦେଇ ପାରି ନଥିଲେ। ୧୪ଟିକିଆ ହାତୀପଲ ଚମ୍ପୁଆ ସେକ୍ସନର ବିଭିନ୍ନ ସ୍ଥାନରେ ରହୁଥିବା ବେଳେ ରାତି ହେଲେ ଗାଁ ଓ ସହର ମୁହାଁ ହେଉଛନ୍ତି। ଏନେଇ ଏସିଏଫ ଅକ୍ଷୟ ଛତ୍ରୀୟା କହିଛନ୍ତି ଯେ କ୍ଷତିଗ୍ରସ୍ତ ଚାଷୀ ଆବେଦନ କଲେ ତଦନ୍ତ କରାଯାଇ ଅନୁକମ୍ପା ସହାୟତା ରାଶି ପ୍ରଦାନ କରାଯିବ।

## ସାନଘାଗରା ପର୍ଯ୍ୟଟନସ୍ଥଳୀରେ ପ୍ଲାଷ୍ଟିକ୍ ନିଷିଦ୍ଧ



କେନ୍ଦୁଝର, ୨୭।୧୨(ସମିସ): ବାଂଶପାଳ ବ୍ଲକ ସାନଘାଗରା ଜଳପ୍ରପାତ ପର୍ଯ୍ୟଟନସ୍ଥଳୀରେ ବନ ବିଭାଗ, ଟାଟା ଷ୍ଟିଲ ପ୍ରକଳ୍ପ, ଏଫ୍ଇଏସ ସଂସ୍ଥା ପକ୍ଷରୁ ଏକ ପ୍ଲାଷ୍ଟିକମୁକ୍ତ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ହୋଇଛି। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ବନ ସୁରକ୍ଷା କମିଟିର ସଦସ୍ୟଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇଥିଲେ। କେନ୍ଦୁଝର ଡିଏଫଓ ଏଚଡି ଧନରାଜଙ୍କ ନେତୃତ୍ୱରେ ଅନୁଷ୍ଠିତ ଅଭିଯାନରେ ବହୁ ପରିମାଣର ଥର୍ମାକୁଲ, ପ୍ଲାଷ୍ଟିକ ଗ୍ଲାସ, ପଲିଥିନ ଜବତ କରିବା ସହ ୧୫ କେଜିରୁ ଊର୍ଦ୍ଧ୍ୱ ପ୍ଲାଷ୍ଟିକ, ବର୍ଜ୍ୟବସ୍ତୁ ଜବତ କରାଯାଇଥିଲା। ପର୍ଯ୍ୟଟନସ୍ଥଳୀକୁ ପ୍ଲାଷ୍ଟିକ ନିଷିଦ୍ଧ କରାଯାଇଥିଲା। ଇକୋଫ୍ରେଣ୍ଡଲି ଓ ଶାଳପତ୍ରରେ ତିଆରି ପ୍ଲେଟ ବ୍ୟବହାର କରିବା ପାଇଁ ପର୍ଯ୍ୟଟକଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। କେନ୍ଦୁଝର ବନଖଣ୍ଡର ଡ ସୁଦୀପ୍ତ ପଣ୍ଡା, ସଦର ଥାନାଧିକାରୀ ଅମିତ ଭୂୟାଁ, ଆମ ଜଙ୍ଗଲ ସଂଯୋଜକ ନିର୍ମଳ ସାହୁ, ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବେହେରା, ଆମ ଜଙ୍ଗଲ ଯୋଜନାର ଦଳପତି ସୁଶାନ୍ତ ବେହେରା, ଉନ୍ନୟନ ଅଧିକାରୀ ହେମନ୍ତ ଦାସ, ସୁବାସ ବେହେରା, ସୁନିଆ ଦେହୁରୀ, ସମାଜବିତ ଜୟପ୍ରକାଶ ପୃଷ୍ଟି, ସନ୍ତୋଷ ନାଏକ, ଟାଟା ଷ୍ଟିଲ ଅଧିକାରୀ ଅଭିନାଶ ଦାସ, ଶୁଭମ ସିଂ, ନବୀନ ସିଂ, ହର୍ଷ ଜର୍ଶନୀୟା, ରିଶି କଶ୍ୟପ, ଏଫ୍ଇଏସ ଅଧିକାରୀ ସୌତୋଷ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ବନପାଳ ଜ୍ୟୋତିର୍ମୟୀ ପଟ୍ଟନାୟକ, ବନରକ୍ଷୀ ଚନ୍ଦ୍ରକାନ୍ତ ମହାନ୍ତ, ତାପସ୍ୟ ତାପର୍ଯ୍ୟ ନାଏକ, ସୌମ୍ୟରଞ୍ଜନ ସ୍ୱାଇଁ, ସନ୍ତୋଷ ବିନ୍ଧାଣି, ସସ୍ମିତା ଘଡେଇ, ସନାତନ ମହାନ୍ତିଙ୍କ ସମେତ ବିଜେପି ରେଞ୍ଜର ସ୍କ୍ୱାଡ ଟିମ ସାମିଲ ଥିଲେ।

## ପାଟଣା କାଠ ଡିପୋ ପାଇଁ ପ୍ରକ୍ରିୟା ଆରମ୍ଭ

ତୁରୁମୁଙ୍ଗା, ୨୭।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟରେ ଜାଳେଣି କାଠ ଡିପୋକୁ ବନ ବିଭାଗ ଅନୁମତି ଦେଇଛି। ଏଥିପାଇଁ ଶିବନାରାୟଣପୁର ମୌଜାର ଏକ ଜମିକୁ ଶୁକ୍ରବାର ଡିପୋ ସକାଶେ ମଞ୍ଜୁରୀ ପାଇଁ ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାର ଏବଂ ଓଡ଼ିଶା ବନ ଉନ୍ନୟନ ନିଗମର ଏସ୍‌ଡିଏମ ସମୀକ୍ଷା ବଳ, ପାଟଣା ଫରେଷ୍ଟର ନିରଞ୍ଜନ ସେଠୀ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ଡିପୋ ଖୋଲିଲେ ଲୋକେ ଭୋଜିଭାତ ସହ ଶବସଂସ୍କାର ପାଇଁ ସହଜ ଜାଳେଣି କାଠ ପାଇପାରିବେ।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର

ତୁରୁମୁଙ୍ଗା, ୨୭।୧୨(ସମିସ): ପାଟଣା ରେଞ୍ଜ କୁମୁଳାବାହାଳି ଗ୍ରାମର ରାମ ମୁଣ୍ଡାଙ୍କ ପତ୍ନୀ ବିଳାସ ମୁଣ୍ଡା (୩୫) ଶନିବାର ବେଳାରେ ଗାଧୋଇବାକୁ ଯାଉଥିବା ସମୟରେ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଓ ବନ ବିଭାଗର କର୍ମଚାରୀ ଉଦ୍ଧାର କରି ୧୦୮ ସହାୟତାରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ବିଳାସଙ୍କ ବାମ ଜଙ୍ଘ ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି।

## ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସୁବୋଧ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦୁଝର, ୨୭।୧୨(ସମିସ): କଂଗ୍ରେସ ଭବନରେ ପୂର୍ବତନ ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁବୋଧଚନ୍ଦ୍ର ମହାପାତ୍ରଙ୍କ ବିୟୋଗରେ କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶୋକବ୍ୟକ୍ତ କରିବା ସହିତ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତି ଚାରଣ କରିବା ସହିତ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ମନୋଜ ଜେନା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ସାଂସଦ ଯଶବନ୍ତ ସିଂ ଲାଗୁରି, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ଘସିପୁରା କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଚକ୍ର, ପୂର୍ବତନ କଂଗ୍ରେସ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପୂର୍ବତନପିସିସିନିରଞ୍ଜନପଟ୍ଟନାୟକ, ପୂର୍ବତନପିସିସିସଭାପତିଜୟଦେବଜେନା ଏବଂ ଏଆଇସିସି ସଦସ୍ୟ ନବଜ୍ୟୋତି ପଟ୍ଟନାୟକ ପ୍ରମୁଖ ପୃଥକ ଶୋକ ବ୍ୟକ୍ତ କରିଛନ୍ତି।



## ଅଧ୍ୟାପକଙ୍କୁ ସମ୍ମାନନୀୟ ଡକ୍ଟରେଟ ପ୍ରଦାନ




ଆନନ୍ଦପୁର,୨୭।୧୨ (ସମିସ):ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ଇତିହାସ ବିଭାଗର ପ୍ରାଧ୍ୟାପକ ବିଜୟ କୁମାର ସାହୁଙ୍କୁ ସମ୍ମାନନୀୟ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷରେ ଘଡ଼ିଆ ନ୍ୟାସନାଲ ଚାରିଟେବଲ ଟ୍ରଷ୍ଟ ତରଫରୁ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ରାଜ୍ୟପାଳଙ୍କ ପୂର୍ବତନ ଉପସଚିବ ସୁଦର୍ଶନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ସାହୁଙ୍କୁ ସଂସ୍କୃତି ଓ ସମାଜ ସେବା ପାଇଁ ସମ୍ମାନନୀୟ ଡକ୍ଟରେଟ ଉପାଧି ସ୍ୱରୂପ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିପାଇଁ କଲେଜର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଆନନ୍ଦପୁରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ତରତରା ମା'ତାରିଣୀ ଫୁଟ୍‌ବଲ: କୋଲକାତା ସେମିରେ



ଆନନ୍ଦପୁର, ୨୭।୧୨ (ସମିସ): ଆନନ୍ଦପୁର ବ୍ଲକ ତରତରାଠାରେ ଚାଲିଥିବା ୨୬ତମ ମା' ତାରିଣୀ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟର ଦ୍ୱିତୀୟ ଲିଗ ମ୍ୟାଚ ସ୍ପୋର୍ଟ୍ସ ଏକାଡେମୀ କୋଲକାତା ସହ ରେଡ ୟୁନିଟ ଅଫ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମାର୍ଦ୍ଧରେ ଉଭୟ ଦଳ ମଧ୍ୟରେ ୧-୧ ସ୍ଥିତିରେ ଗୋଲ ବ୍ୟବଧାନ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ କଲିକତା ଆଉ ଗୋଟିଏ ଗୋଲ ଦେଇ ୨-୧ରେ ବିଜୟ ହୋଇ ଦ୍ୱିତୀୟ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ରବିବାର ଦ୍ୱିତୀୟ ସେମିଫାଇନାଲରେ କଲିକତା ଭେଟିବ କେନ୍ଦ୍ରାପଡ଼ାକୁ। ଖେଳକୁ ରେଫରି ପ୍ରସନ୍ନ ନାୟକ, ରାମଚନ୍ଦ୍ର ବେଶ୍ରା, ଲକ୍ଷ୍ମଣ ସୋରେନ, ମାନସ ବିଶ୍ୱାଳ ପରିଚାଳନା କରିଥିଲେ। ସୁବ୍ରତ ସାମଲ, ବସନ୍ତ ଜେନା, ସୁଶାନ୍ତ ସାମଲ, ଜିତେନ୍ଦ୍ର ସାମଲ, ପ୍ରିୟବ୍ରତ ନାଇକ, ସତ୍ୟବ୍ରତ ନାଇକ, ସୁଶୀଲ ସାମଲ, ଜଗନ୍ନାଥ ସାମଲ, ରାକେଶ ସାମଲ, ସୁରେନ୍ଦ୍ର ନାଇକ, ସୁବ୍ରତ ନାଇକ, ଦୀପ୍ତିରଞ୍ଜନ ବାରିକ, ରବୀନ୍ଦ୍ର ଧଳ, ରଞ୍ଜିତ ପାତ୍ର, ସୁଶାନ୍ତ ନାଇକ, ଆକାଶ ନାଇକ, ସୁଶାନ୍ତ ଜେନା, ସତ୍ୟସ୍ୱରୂପ ସାମଲ, ସନ୍ତୋଷ ଧଳ, ଜଗନ୍ନାଥ ବେହେରା, ମନ୍ଦରଧର ଜେନା, ଅଜିତ ଜେନା ସହଯୋଗ କରିଥିଲେ।

ମଇଦାନକେଲ ପ୍ରଗତି ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

# ଛାତ୍ରଛାତ୍ରୀମାନେ ହିଁ ବିକଶିତ ଭାରତର ସୂତ୍ରଧର: ମୁଖ୍ୟମନ୍ତ୍ରୀ



କେନ୍ଦୁଝର, ୨୭।୧୨(ସମିସ): ଶିକ୍ଷା ହେଉଛି ମାନବ ସଭ୍ୟତାର ବିକାଶର ପ୍ରଥମ ପାହାଚ। ଏହି ପାହାଚ ଚଢ଼ି ଭାରତ ବିକଶିତ ହେବ ଏବଂ ଆମେ ଆତ୍ମନିର୍ଭରଶୀଳ ହୋଇପାରିବା। ତେଣୁ ଛାତ୍ରଛାତ୍ରୀମାନେ ଆଗାମୀ ବିକଶିତ ଭାରତର ମୁଖ୍ୟ ସୂତ୍ରଧର ବୋଲି ମଇଦାନକେଲସ୍ଥିତ ପ୍ରଗତି ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶ୍ୟୀ ମାଝୀ କହିଥିଲେ ଯେ ଆଜି ସମୟ ବଦଳିଛି। ଶିକ୍ଷାଦାନ, ଶିକ୍ଷା ଆହରଣ ପଦ୍ଧତି ମଧ୍ୟ ବଦଳିଛି। ଆଜିର ପିଲାମାନେ ଅତ୍ୟନ୍ତ ବିଚକ୍ଷଣ, ବୁଦ୍ଧିମାନ ଏବଂ ପ୍ରତିଭାବାନ୍। ୫୦ ବର୍ଷ ତଳେ ଛାତ୍ରଛାତ୍ରୀମାନେ ଯେଉଁ ସୁଯୋଗ ବିଷୟରେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ, ଆଜି ସବୁ ସୁଯୋଗ ପାଉଛନ୍ତି। ସବୁଠୁ ବଡ କଥା ହେଉଛି, ନିଜ ଭିତରେ ଥିବା ପ୍ରତିଭାକୁ ଜାଣିବା, ଚିହ୍ନିବା। ଆଗାମୀ ଦିନରେ ଏହି ଜ୍ଞାନର ପରିସୀମା ଆହୁରି ବୃଦ୍ଧି ହେବ। ଆଜିକାଲି ଯୁଗ ହେଉଛି ଦକ୍ଷତାର ଯୁଗ। ଆଜିକାଲିର ଛାତ୍ରଛାତ୍ରୀଙ୍କ ଜ୍ଞାନ ଓ ଦକ୍ଷତାକୁ ଭିତ୍ତି କରି, ଭାରତ ବିଶ୍ୱରେ ଶ୍ରେଷ୍ଠ ହେବ। ନୂତନ ଶିକ୍ଷାନୀତି-୨୦୨୦ ଏହାର ଏକ ଜ୍ୱଳନ୍ତ ଉଦାହରଣ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଶିକ୍ଷାର ବିକାଶ ପାଇଁ ଅନେକ ମହତକାଂକ୍ଷୀ ଯୋଜନା ଆରମ୍ଭ କରାଯାଇଛି। ଶିଶୁ ବାଟିକା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ପଞ୍ଚଶଖା ଶିକ୍ଷାସେତୁ ଅଭିଯାନ ଜରିଆରେ ସ୍କୁଲ ଶିକ୍ଷାର ସୁଦୃଢ଼ୀକରଣ ପାଇଁ ପଦକ୍ଷେପ ନିଆଯାଉଛି। ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ଶିଶୁ ବାଟିକାଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି।

ଅପରପକ୍ଷରେ ଖାଲିଥିବା ଶିକ୍ଷକ ପଦ ପୂରଣ ସହିତ ନୂତନ ଶିକ୍ଷକ ପଦ ସୃଷ୍ଟି କରାଯାଉଛି। ଚଳିତ ବର୍ଷ ରାଜ୍ୟବ୍ୟାପୀ ସବୁ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ପାଇଁ 'ଖଡିଛୁଆଁ' କାର୍ଯ୍ୟକ୍ରମ ଆରମ୍ଭ କରିଛୁ। ଡବଲ ଇଞ୍ଜିନ ସରକାର ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ପିଏମଶ୍ରୀ ସ୍କୁଲ ରୂପେ ପ୍ରତ୍ୟେକ ଜିଲ୍ଲାର କିଛି ବିଦ୍ୟାଳୟର ବିକାଶ ପାଇଁ ପଦକ୍ଷେପ ନେଇଛନ୍ତି। ସେହିପରି ଆଦିବାସୀ ପିଲାମାନଙ୍କ ମଧ୍ୟରେ ଡ୍ରପ୍ ଆଉଟ ହାର କମାଇବା ପାଇଁ ଆମ ସରକାର ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ଆରମ୍ଭ କରିଛନ୍ତି। ନିପୂଣ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ, ଆମର ଛାତ୍ରଛାତ୍ରୀମାନେ ନିଶ୍ଚିତ ଭାବରେ ମୌଳିକ ଜ୍ଞାନ ହାସଲ କରି ଉଚ୍ଚଶିକ୍ଷାରେ ସଫଳ ହୋଇପାରିବେ ବୋଲି ମତ ବ୍ୟକ୍ତ କରିଥିଲେ। ସୂଚନାଥାଉ ଯେ କେନ୍ଦୁଝର ସଦର ବ୍ଲକର ମଇଦାନକେଲସ୍ଥିତ ପ୍ରଗତି ଉଚ୍ଚବିଦ୍ୟାଳୟ ୧୯୭୫ ମସିହାରେ ପ୍ରତିଷ୍ଠା ପାଇଥିବା ଏହି ବିଦ୍ୟାଳୟ ଏକାଧିକ ଡ଼ାକ୍ତର, ଇଂଜିନିୟର, ଓଏଏସ୍, କ୍ରୀଡ଼ାବିତ ସାରା ରାଜ୍ୟକୁ ଭେଟି ଦେଇଛି। ହୃଷୀକେଶ ମହନ୍ତ, ଈଶ୍ୱରଚନ୍ଦ୍ର ନାଏକ, ବନମାଳି ସିଂହ, ସୁମନ ମହନ୍ତ ଭଳି ଅନେକ ରତ୍ନଙ୍କୁ ମଣିଷ କରି ସାରା ଭାରତ ବର୍ଷର ସେବାରେ ନିୟୋଜିତ କରିପାରିଛି।

ଏହି କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡାକ୍ତର ଫକୀର ନାଏକ, ଜିଲ୍ଲାପାଳ ବିଶାଳ ସିଂହ, ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ବିଜେପିର ଉପସଭାପତି ବିବେକାନନ୍ଦ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

● ୫୨ତମ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

# ଜ୍ଞାନର ସଂସ୍କୃତିକୁ କଲ୍ୟାଣକାରୀ କର: ମୁଖ୍ୟମନ୍ତ୍ରୀ



କେନ୍ଦୁଝର,୨୭।୧୨(ସମିସ): ବର୍ତ୍ତମାନର ଛାତ୍ରଛାତ୍ରୀ ଆଗାମୀ ଦିନରେ ବଡ଼ ବୈଜ୍ଞାନିକ ହୋଇ ନୂଆ ନୂଆ ଟେକ୍ନୋଲୋଜିର ଉଦ୍‌ଭାବନ କରିବା ସହିତ ଦେଶକୁ ଆତ୍ମନିର୍ଭର ହେବାରେ ନିଜର ଯୋଗଦାନ ରଖିବା ଉଚିତ ବୋଲି କେନ୍ଦୁଝରସ୍ଥିତ ଧନୁର୍ଜୟ ନାରାୟଣ ଉଚ୍ଚବିଦ୍ୟାଳୟରେ ଆୟୋଜିତ ୫୨ତମ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅବସରରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତ ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, କେଉଁ ପ୍ରାଚୀନ କାଳରୁ ଆମ ଦେଶର ଋଷି, ମୁନି ଓ ପଣ୍ଡିତମାନେ ବିଭିନ୍ନ ବୈଜ୍ଞାନିକ ସୂତ୍ରକୁ ସୃଷ୍ଟି କରିଥିଲେ। ଆମର ଚତୁର୍ବେଦର ଅନେକ ଅଂଶରେ ସମ୍ପୂର୍ଣ୍ଣ ବୈଜ୍ଞାନିକ ଚିନ୍ତାଧାରା ପ୍ରତିଫଳିତ ହୋଇଛି। ଓଡ଼ିଶାର ମହାନ୍ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତ ମାତ୍ର ଦୁଇ ଖଣ୍ଡ ବାଉଁଶ ନଳିରୁ ପୃଥିବୀରୁ ଚନ୍ଦ୍ର ପର୍ଯ୍ୟନ୍ତ ଦୂରତାକୁ ସଠିକ୍ ମାପି ପାରିଥିଲେ। ଭାରତରେ ଜ୍ଞାନର ଏକ ସଂସ୍କୃତି ରହିଛି ବୋଲି ଶ୍ରୀ ମାଝୀ କହିଥିଲେ। ଏହି ଜ୍ଞାନର ସଂସ୍କୃତିକୁ ଜନକଲ୍ୟାଣରେ ଲଗାଇବା ପାଇଁ ମେଧାବୀ ପିଲା ଓ ଯୁବକଙ୍କୁ ସେ ଆହ୍ୱାନ ଦେଇଥିଲେ।

ସେ କହିଥିଲେ, ଆମର ଲକ୍ଷ୍ୟ ହେଉଛି ଗୁଣାତ୍ମକ ଶିକ୍ଷା। ସେଥିପାଇଁ ପ୍ରାଥମିକ ସ୍ତରରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଗଠନ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୨ ହଜାର କୋଟି ଟଙ୍କାରେ ୨୨ ଶହ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ। ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ପ୍ରକଳ୍ପଗୁଡିକୁ ବୁଲି ଦେଖିଥିଲେ। ସମ୍ମାନିତ ଅତିଥି ଭାବେ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, କେନ୍ଦୁଝରଗଡ ପୌରାଧ୍ୟକ୍ଷା ନିକୁ ସାହୁ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ମନୋଜ ପାଢ଼ୀ, ଜିଲ୍ଲାପାଳ ବିଶାଳ ସିଂହ ଉପସ୍ଥିତ ଥିଲେ। ୩୦ଟି ଜିଲ୍ଲାର ୨୧୦ ଜଣ ବାଲ୍ ବୈଜ୍ଞାନିକ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ୨୧୦ ଜଣ ଗାଇଡ ଶିକ୍ଷକଙ୍କ ସମେତ ୩୦ଟି ଜିଲ୍ଲାର ବିଜ୍ଞାନ ଶିକ୍ଷା ପରିଦର୍ଶକ ଯୋଗ ଦେଇଥିଲେ। ଉଦଘାଟନୀ ଉତ୍ସବରେ ଜିଲ୍ଲାର ପ୍ରାୟ ୫୦୦୦ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ସମୟଶ୍ରୀ ଚାଟାର୍ଜୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ସହ ମଞ୍ଚ ସଞ୍ଚାଳନ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ କେନ୍ଦୁଝର ପୂର୍ଣ୍ଣଚନ୍ଦ୍ର ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳିକା ଅସଦାଚରଣ ଅଭିଯୋଗରେ ଶିକ୍ଷକ ଗିରଫ

ବାରିପଦା,୨୭।୧୨(ସମିସ): ଝାରପୋଖରିଆ ଥାନା ଅଧୀନ ଶଙ୍ଖାଭଙ୍ଗା ଅଞ୍ଚଳର ଜଣେ ୧୦ ବର୍ଷର ନାବାଳିକା ଛାତ୍ରୀକୁ ଅସଦାଚରଣ ଅଭିଯୋଗରେ ପୁଲିସ ଜଣେ ଶିକ୍ଷକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଶିକ୍ଷକ ଜଣକ ଶଙ୍ଖାଭଙ୍ଗା ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ମନରଞ୍ଜନ ମାଝୀ(୪୦)। ସୂଚନା ମୁତାବକ, ଶିକ୍ଷକ ଜଣକ ଘରେ ଏକ ଦୋକାନ ଖୋଲିଛନ୍ତି। ଛୁଟି ସମୟରେ ଦୋକାନରେ ବସି ବିକ୍ରି କରୁଥିବା ସମୟରେ ନାବାଳିକା ଛାତ୍ରୀ ଜଣକ ଜିନିଷ କିଣିବାକୁ ଆସିଥିଲା। ଏକୁଟିଆ ସୁଯୋଗ ନେଇ ଛାତ୍ରୀକୁ ଅସଦାଚରଣ କରିବା ପରେ କାହାକୁ ନ ଜଣାଇବାକୁ ଧମକ ଦେଇଥିଲେ ଶିକ୍ଷକ। ଛାତ୍ରୀ ଜଣକ ପରିବାର ଲୋକକୁ ଜଣାଇବା ପରେ ପୀଡ଼ିତାର ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିକ୍ଷକଙ୍କୁ ଗିରଫ କରିବା ସହ ଛାତ୍ରୀର ବୟାନ ରେକର୍ଡ କରିଛି। ଏ ସଂକ୍ରାନ୍ତରେ ପୁଲିସ ପକ୍‌ସୋ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ବାଇକ୍ ଯାଞ୍ଚ କଡ଼ାକଡ଼ି, ଜରିମାନା ଆଦାୟ

କୁଆମରା,୨୭ ।୧୨(ସମିସ): ବିଭିନ୍ନ ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ଓ ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କରାଯାଇଥିଲେ ମଧ୍ୟ ଅମାନିଆଙ୍କୁ ନିୟନ୍ତ୍ରଣକୁ ଆଣି ହେଉନାହିଁ। ଫଳରେ ଖୁଣ୍ଟା ଥାନା ଅଞ୍ଚଳରେ ଦୁର୍ଘଟଣା ବୃଦ୍ଧି ପାଉଛି ଓ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଏଣୁ ପୁଲିସ ପକ୍ଷରୁ ପ୍ରୟାସ ଜାରି ରହିଥିବାବେଳେ ବିନା ହେଲମେଟରେ ଉଦଳା-ବାରିପଦା ୧୯ ନଂ ରାଜ୍ୟ ରାଜପଥରେ ଯାତାୟାତ କରୁଥିବା ବାଇକ ଚାଳକଙ୍କୁ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ଜରିମାନା ଆଦାୟ କରାଯାଇଛି। ଥାନା ଅଧିକାରୀ ପଞ୍ଚାନନ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ସବ୍ୟସାଚୀ ସାମଲ, ସ୍ୱର୍ଣ୍ଣମିତା ପ୍ରଧାନ, ଗୌରୀଶଙ୍କର ବେହେରା ପ୍ରମୁଖ ସାମିଲ ଥିଲେ।

# ସାଇ ଆଦର୍ଶ ବିଦ୍ୟାମନ୍ଦିରର କ୍ରୀଡ଼ା ଉତ୍ସବ




ବାରିପଦା,୨୭ ।୧୨(ସମିସ): ବାରିପଦାର ରଘୁନାଥପୁରସ୍ଥ ସାଇ ଆଦର୍ଶ ବିଦ୍ୟାମନ୍ଦିରର ସପ୍ତମ ବାର୍ଷିକ କ୍ରୀଡ଼ା ମହୋତ୍ସବ ପାଳିତ ହୋଇଯାଇଛି। ଉତ୍ସବ ପ୍ରାରମ୍ଭରେ ବିଦ୍ୟାଳୟର ସମ୍ପାଦିକା ମୀନାରାଣୀ ସାହୁ ଉତ୍ସବକୁ ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଶରୀର ସୁସ୍ଥତା ପ୍ରତି କ୍ରୀଡ଼ାର ଉପାଦେୟତା ସମ୍ବନ୍ଧରେ ପରାମର୍ଶ ଦେଇଥିଲେ। ସମ୍ମାନିତ ମୁଖ୍ୟ ଉପଦେଷ୍ଟା ଡ. ପୂର୍ଣ୍ଣଚନ୍ଦ୍ର ସାହୁ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ଦ୍ୱାରା ଶୃଙ୍ଖଳିତ ଜୀବନ ପରିଚର୍ଯ୍ୟା, ନିରୋଗ ସମାଜ ଗଠନ ଓ ସ୍ୱାସ୍ଥ୍ୟ ହିଁ ସମ୍ପଦ ଆଦି ବିଷୟରେ ଅବଗତ କରାଇଥିଲେ। ଉଜ୍ଜଳ ଓ ସୁସ୍ଥ ଭବିଷ୍ୟତର କ୍ରୀଡ଼ା ହିଁ ମୂଳପିଣ୍ଡ ବୋଲି ପ୍ରଧାନଶିକ୍ଷକ କୋମଳ ଲୋଚନ ସାହୁ ମତ ପ୍ରକାଶ କରିଥିଲେ। ଆମନ୍ତ୍ରିତ ଅତିଥି ଶରତପାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶିବଶଙ୍କର ମହାନ୍ତଙ୍କ ଗରିମାମୟ ଉପସ୍ଥିତିରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସୁଚାରୁରୂପେ କ୍ରୀଡ଼ା ପରିଚାଳନା କରିଥିଲେ। ଏ ଅବସରରେ ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀ ୧୫ଟି ଖେଳରେ ଅଂଶଗ୍ରହଣ କରି ନିଜର ପରାକାଷ୍ଠା ପ୍ରଦର୍ଶନ କରିଥିଲେ। ବରିଷ୍ଠ ଶିକ୍ଷକ ଅଶୋକ ବୁଗୁଡ଼େଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେବେଶ ହୋତାଙ୍କୁ ସମ୍ବର୍ଦ୍ଧନା

ବାରିପଦା, ୨୭।୧୨(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନବନିର୍ବାଚିତ ରାଜ୍ୟ



ସଭାପତି (ଓଡ଼ିଶା ପୂର୍ବ) ଡକ୍ଟର ଦେବେଶ ଶଙ୍କର ହୋତାଙ୍କୁ ବାରିପଦା ମୁର୍ଗାବାଡି ଉନ୍ନୟନ କମିଟି ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ପ୍ରଦୀପ କର, ପ୍ରମୋଦ ଭୁଜବଳ, ସଚ୍ଚିଦାନନ୍ଦ ଆଚାର୍ଯ୍ୟ, ସଞ୍ଜୀବ ଘୋଷ, ଗୌରାଙ୍ଗ ସେନାପତି, ପିୟୁଷ କାନ୍ତି ପତି, ଅଶୋକ ମହାନ୍ତି, ଅଞ୍ଜନ ଭୂୟାଁ, ବରିଷ୍ଠ ଆଇନଜୀବୀ ସତ୍ୟବ୍ରତ ଦାଶ ଓ ପୂର୍ବତନ କାଉନସିଲର ରତ୍ନାକର ବେହେରା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ମାନଗୋବିନ୍ଦପୁର ଲ୍ୟାମ୍ପ୍‌ସରେ ଧାନମଣ୍ଡି ଉଦ୍‌ଘାଟିତ

ବଡ଼ସାହି/ମାଣତ୍ରୀ,୨୭ ।୧୨(ସମିସ): ମାଣତ୍ରୀସ୍ଥ ମାନଗୋବିନ୍ଦପୁର ଲ୍ୟାମ୍ପ୍‌ସରେ ଧାନମଣ୍ଡି ଉଦଘାଟିତ ହୋଇଛି। ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଶଶୀଶେଖର ପଣ୍ଡା, ଲ୍ୟାମ୍ପ୍ ସଭାପତି ମହାଦେବ ସିଂଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହି ବିଧିବଦ୍ଧ ଭାବେ ଏହି ମଣ୍ଡିର ଉଦଘାଟନ କରିଛନ୍ତି। ଏହାପରେ ବିଧାୟକ ପୂର୍ବ ବର୍ଷମାନଙ୍କରେ ମଣ୍ଡିକୁ ନେଇ ଉପୁଜିଥିବା ସମସ୍ୟା ଚଳିତ ବର୍ଷ ନ ଉପୁଜିବ, ତାହା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ।



ବିଶେଷକରି ଧାନ କଟ୍‌ନୀ ଛଟନି, ମିଲରଙ୍କ ମନମାନି ଏସବୁ ଦିଗ ଉପରେ ନଜର ଦେବାକୁ ସ୍ପେସାଲ ଟାସ୍କଫୋର୍ସ ଗଠନ କରାଯାଇଛି। ଯାହାକି ଚଳିତ ବର୍ଷ ମଣ୍ଡିରେ ଧାନ କିଣାରେ କୌଣସି ସମସ୍ୟା ହେବ ନାହିଁ ବୋଲି କହିଛନ୍ତି ବିଧାୟକ। ଚାଷୀ ଏଫଏକ୍ୟୁ ମାନର ଧାନ କିପରି କରିବେ, ସେ ସମ୍ପର୍କରେ ଗାଁ ଗାଁ ପଷ୍ଟୋର ମାଧ୍ୟମରେ ଚାଷୀଙ୍କୁ ଅବଗତ କରାଇବାର ପ୍ରତିଶ୍ରୁତି ଦେଇଥିଲେ ଓ କୌଣସି ଚାଷୀଙ୍କ ଟୋକନ ଯେପରି ବାଦ୍ ପଡି ନ ଯାଏ, ସେଥିପ୍ରତି ଧ୍ୟାନ ଦେବାକୁ କହିଥିଲେ। କ୍ଷୁଦ୍ର ଚାଷୀଙ୍କ ଧାନକୁ ପ୍ରଥମେ ଅଗ୍ରାଧିକାର ଦିଆଯିବ ଓ ମଣ୍ଡିରେ କିପରି ସଠିକ ଭାବେ ଧାନ କ୍ରୟ ହୋଇପାରିବ, ସେ ନେଇ ପ୍ରଶାସନ ସଜାଗ ଥିବା ଜଣାଯାଇଛି।

## ଠିକା ସଂସ୍ଥା ଶୋଷଣର ଶିକାର ହେଉଛନ୍ତି ୧୦୮ ଆମ୍ବୁଲାନ୍ସ କର୍ମଚାରୀ

# ମାସ ମାସ ଧରି ମିଳୁନି ଦରମା; ବକେୟା ଟଙ୍କା ମାଗିବାରୁ ହତ୍ୟା ଧମକ

ରାଇରଙ୍ଗପୁର,୨୭।୧୨(ସମିସ):

ନିଷ୍ଠାପୂର୍ଣ୍ଣ ଓ ନିସ୍ୱାର୍ଥପର ଭାବେ ଦିନରାତି କାର୍ଯ୍ୟ କରୁଥିବା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଠିକା ସଂସ୍ଥାର ଶୋଷଣର ଶିକାର ହେଉଛନ୍ତି। ଠିକା ସଂସ୍ଥା ପକ୍ଷରୁ ମନଇଚ୍ଛା କର୍ମଚାରୀଙ୍କୁ ମାସ ମାସ ଧରି କାର୍ଯ୍ୟ କରାଇ ବେତନ ପ୍ରଦାନ କରାଯାଉନି। ବାରମ୍ବାର ବେତନ ମାଗିଲେ ଛଟେଇ କରିବାକୁ ଧମକ ଦେଉଛନ୍ତି। ଯାହାକୁ ନେଇ ଜଣେ ଆମ୍ବୁଲାନ୍ସ କର୍ମଚାରୀ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି।

ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଲୁହାଶିଳା ଗ୍ରାମର ରାଜେନ୍ଦ୍ର ଟୁଡୁ ବିଜତଳା ସିଏଚସିରେ ଆମ୍ବୁଲାନ୍ସ ଚାଳକ ଭାବେ ତୁଫାନ ମହାନ୍ତଙ୍କ ଅଧୀନରେ କାର୍ଯ୍ୟ କରୁଛନ୍ତି। ସେ ୧୦।୫।୨୦୨୫ରୁ ୨୮।୧୧।୨୦୨୫ ପର୍ଯ୍ୟନ୍ତ କାର୍ଯ୍ୟ

## ଥାନାରେ ଅଭିଯୋଗ କଲେ କର୍ମଚାରୀ

କରିଥିଲେ ସୁଦ୍ଧା ବେତନ ପ୍ରଦାନ ପାଇନାହାନ୍ତି। ମାସକୁ ୧୨,୦୦୦ ଟଙ୍କା ବେତନ ଦେବାକୁ ଥିବାବେଳେ ବକେୟା ଟଙ୍କା ପ୍ରଦାନ କରୁନାହିଁ ମାଲିକ। ୧୦୮ ଆମ୍ବୁଲାନ୍ସ ସେବା ଯୋଗାଇବା ପାଇଁ ଟେଣ୍ଡର ନେଇଥିବା ଠିକା ସଂସ୍ଥା ସେବାକାର୍ଯ୍ୟ ଯୋଗାଇବା ପରେ ମଧ୍ୟ କର୍ମଚାରୀଙ୍କୁ ହଇରାଣ ହରକତ କରୁଛନ୍ତି। ବକେୟା ଟଙ୍କା ମିଳିବ ବୋଲି ଖାଲି ମିଛ ପ୍ରତିଶ୍ରୁତି ଦେଉଥିବାବେଳେ ଟଙ୍କା ଦେଉନାହାନ୍ତି। ଦାୟିତ୍ୱରେ ଥିବା ତୁଫାନ ମହାନ୍ତଙ୍କୁ ଗତକାଲି ରାଜେନ୍ଦ୍ର ଟୁଡୁ ବକେୟା ଟଙ୍କା ମାଗିବାରୁ ସେ ତାହା ପ୍ରଦାନ କରିବା ବଦଳରେ ତାଙ୍କୁ ଗାଳିଗୁଲଜ କରିଥିଲେ। ଜାତିଆଣ ଆକ୍ଷେପ କରି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି। ଯାହାକୁ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି ରାଜେନ୍ଦ୍ର। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଠିକା ସଂସ୍ଥାର ନୀତିକୁ ଅନ୍ୟ କର୍ମଚାରୀ ମଧ୍ୟ ବିରୋଧ କରିଛନ୍ତି। କରୋନା ମହାମାରୀ, ପ୍ରାକୃତିକ ବିପର୍ଯ୍ୟୟ, ଦୁର୍ଘଟଣା ଭଳି ଜରୁରିକାଳୀନ ପରିସ୍ଥିତିରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛନ୍ତି। ଏହାପରେ ମଧ୍ୟ ଠିକା ସଂସ୍ଥାର ଶୋଷଣ ଶିକାର ହେଉଛନ୍ତି। କମ୍ ବେତନରେ ଦିନମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବାବେଳେ ଠିକା କମ୍ପାନୀ ପକ୍ଷରୁ ପକ୍ଷପାତିତା କରାଯିବାକୁ ନେଇ ସଂଘ ପକ୍ଷରୁ ଘୋର ବିରୋଧ କରାଯାଇଛି।

# ମାରିସା ସଭାପତି ଅର୍ଜୁନ ମୁର୍ମୁଙ୍କୁ ପାରମ୍ପରିକ ସମ୍ବର୍ଦ୍ଧନା

ବାରିପଦା, ୨୭ ।୧୨(ସମିସ): ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା) ତଥା ଅଖିଳ ଭାରତ ସନ୍ତାଳୀ ଭାଷା ଓ ଲିପି ବିକାଶ ମୋର୍ଚ୍ଚାର କେନ୍ଦ୍ରୀୟ ସଭାପତି ଅର୍ଜୁନ ମୁର୍ମୁଙ୍କ ଆନ୍ଦୋଳନ ସଫଳ ହୋଇଥିବାରୁ ଆଜି କୁଳିଅଣା ବ୍ଲକ୍‌ର ବିଭିନ୍ନ ସଂଗଠନର ସାମାଜିକ କର୍ମୀ ଆଦିବାସୀ ପାରମ୍ପରିକ ହଳଦିଆ ପଗୁଡିଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଛନ୍ତି।

ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ଆଦିବାସୀ ଗ୍ରାମର ପୂଜକଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ ଓ ପୂଜାସ୍ଥଳୀର ବିକାଶ ଓ ସୁରକ୍ଷା ଦାବିରେ ବହୁବାର ସାଇକଲ ଓ ପଦଯାତ୍ରା, ଧାରଣା, ଆନ୍ଦୋଳନ କରାଯାଇ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଆସୁଥିଲା। ତାଙ୍କ ଦାବକୁ ନେଇ ଅନୁସୂଚିତ ଉପଦେଷ୍ଟା ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇ ଭତ୍ତା ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରିଥିବାରୁ ଅର୍ଜୁନ୍ ମୁର୍ମୁଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଦୀର୍ଘଦିନର ଦାବି ପୂରଣ ହୋଇଥିବା କହିଛନ୍ତି ଶ୍ରୀ ମୁର୍ମୁ। କିନ୍ତୁ ଅତ୍ୟନ୍ତ ଦୁଃଖର ସହ ଏହା ମଧ୍ୟ ପ୍ରକାଶ କରିଛନ୍ତି ଯେ, ଆଦିବାସୀ ପୂଜକଙ୍କ ସମେତ ଅନ୍ୟ ଆଦିବାସୀ ପାରମ୍ପାରିକ ମୁଖ୍ୟଙ୍କୁ ଭତ୍ତା ପ୍ରଦାନରୁ ବଞ୍ଚିତ କରାଯାଉଛି। ଗ୍ରାମରେ ହେଉଥିବା ଗଣ୍ଡଗୋଳର ସମାଧାନ ପାଇଁ ଆଦିମ କାଳରୁ ମାଝୀ-ପାରଗାନା, ମାନକୀ-ମୁଣ୍ଡା, ପାହାଡ଼ି-ପ୍ରଧାନ ବ୍ୟବସ୍ଥା ରହିଆସିଛି। ପାହାଡି-ପ୍ରଧାନ ଇତ୍ୟାଦିକୁ ଆବଶ୍ୟକ ସ୍ୱୀକୃତି ଦେବାର ଉଦ୍ୟମ କରି ଝାଡଖଣ୍ଡ ସରକାର ତାଙ୍କ ପାଇଁ ଭତ୍ତା ଦେବାର ବନ୍ଦୋବସ୍ତ କରିଛନ୍ତି। ପେସା ଅଧିନିୟମ




୧୯୯୨ରେ ୭୩ତମ ସମ୍ବିଧାନ ସଂଶୋଧନ ବିଲ୍ ପରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଆଦିବାସୀଙ୍କ ଏହି ବ୍ୟବସ୍ଥାକୁ ସ୍ୱୀକୃତି ଦେବାକୁ ୧୯୯୬ରେ ପେସା ଅଧିନିୟମ ଜାରି ହୋଇଥିଲା। କେବଳ ବିଚାର ବ୍ୟବସ୍ଥା ନୁହେଁ ଗ୍ରାମରେ ଥିବା ଜଳ, ଜଙ୍ଗଲ, ଜମି, ଖଣି ଇତ୍ୟାଦି ପ୍ରାକୃତିକ ସମ୍ପଦର ମାଲିକାନାକୁ ମଧ୍ୟ ଏହି ପାଞ୍ଚ ପଞ୍ଚାୟତର ପାରମ୍ପରିକ ଗ୍ରାମସଭାକୁ ସ୍ଥାନାନ୍ତରିତ କରିବା ଉଦ୍ଦେଶ୍ୟ ରହିଛି। ଆଦିବାସୀ ପାରମ୍ପରିକ ମୁଖ୍ୟ ମାଝୀ-ପାରଗାନା, ମାନକୀ-ମୁଣ୍ଡା, କାର୍ଯ୍ୟକାରୀ କରି ତାଙ୍କୁ ଅଧିକ କ୍ଷମତା ଦେବାକୁ ଉଦ୍ୟମ ଚାଲିଛି। ଦୁର୍ଭାଗ୍ୟର ବିଷୟ ଓଡ଼ିଶା ସରକାର ଏହି ପାରମ୍ପରିକ ବିଚାର ବ୍ୟବସ୍ଥାକୁ ଶକ୍ତିଶାଳୀ କରିବାକୁ ଅଧାବଧି କିଛି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏଣୁ ରାଜ୍ୟ ସରକାର ଅବିଳମ୍ବେ ଏଥିପ୍ରତି ଧ୍ୟାନ ଦେଇ ଆଦିବାସୀଙ୍କ ପାରମ୍ପାରିକ ବିଚାର ବ୍ୟବସ୍ଥାକୁ ସ୍ୱୀକୃତି ଦେବା ସଙ୍ଗେ ସଙ୍ଗେ ପାରମ୍ପାରିକ ମୁଖ୍ୟଙ୍କୁ ଭତ୍ତା ପ୍ରଦାନ କରିବାକୁ ମାରିସା ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

# ଗୁରୁ ଗୋବିନ୍ଦ ସିଂଙ୍କ 'ପ୍ରକାଶ ଉତ୍ସବ' ପାଳିତ



ବାରିପଦା, ୨୭ ।୧୨(ସମିସ): ବାରିପଦା ସହରର ପାଲବାଣୀସ୍ଥ ଶ୍ରୀଗୁରୁଦ୍ୱାର ସିଂ ସଭାରେ ଆଜି ଗୁରୁଗୋବିନ୍ଦ ସିଂଙ୍କ ୩୫୯ତମ 'ପ୍ରକାଶ ଉତ୍ସବ' ଧାର୍ମିକ ଭକ୍ତି ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ମୟୂରଭଞ୍ଜର ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ଗୁରୁ ଦର୍ଶନ ପାଇଁ ଉପସ୍ଥିତ ରହି ପ୍ରାର୍ଥନା ସଭାରେ ଯୋଗ ଦେଇଥିଲେ ଓ ଗୁରୁଦ୍ୱାରକୁ ପୂର୍ବରୁ ସଫାସୁତରା କରି ସୁନ୍ଦର ଭାବେ ସଜାଯାଇଥିଲା। ଏହି ଉତ୍ସବ ଅବସରରେ ଗୁରୁବାଣୀ ପାଠ, କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା ଓ ପରେ ସର୍ବସାଧାରଣ ଲଙ୍ଗର ସେବାର ବ୍ୟବସ୍ଥା କରାଯାଇଥିଲା। ଜାତି, ଧର୍ମ, ବର୍ଣ୍ଣ ଭେଦ ଭାବ ଛାଡ଼ି ପଂକ୍ତିରେ ବସି ପ୍ରସାଦ ସେବନ କରିଥିଲେ। ଯାହା ସମାନତା ଓ ଭାଇଚାରାର ସନ୍ଦେଶ ଦେଇଥିଲା। ଏ ଅବସରରେ ଡିସେମ୍ବର ୨୬ ତାରିଖକୁ "ବାଲ ଦିବସ' ରୂପେ ଘୋଷଣା କରାଯାଇଥିବାରୁ ବାରିପଦାର ଶିଖ ସମାଜ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଯାଇଛି। ସୁଖଦୀପ ସିଂହ, ପଲବିନ୍ଦର ସିଂହ, ଅବତାର ସିଂହ, ମାଖନ ସିଂହ, ଦେବୀନ୍ଦର ସିଂହ, ରବିନ୍ଦର ସିଂହ, ଚରଣଜୀତ ସିଂହ, ବଳଦେବ ସିଂହ, ହରଚରଣ ସିଂହ, ସତନାମ ସିଂହ, ମହିନ୍ଦର ସିଂହ, ସହିନ୍ଦର ସିଂହ, ଜଗତାର ସିଂହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୨୬ ତାରିଖ ଦିନ ବାଲ ଦିବସରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସାମ୍ବାଦିକ କବି ବିଷ୍ଣୁ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।

# ବୀର ବାଲ୍ ଦିବସ ପାଳିତ

ରାଇରଙ୍ଗପୁର,୨୭।୧୨(ସମିସ): ରାଇରଙ୍ଗପୁରଠାରେ ବୀର ବାଲ ଦିବସ ପାଳିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶକ୍ରମେ ୨୦୨୨ରୁ ଏହା ପାଳିତ



ହେଉଛି। ଏହି କ୍ରମରେ ଶହିଦ ଯୋରୱାର ସିଂ ଓ ଫତେ ସିଂହକୁ ସ୍ମରଣ କରି ରାଇରଙ୍ଗପୁରରେ ଦିବସ ପାଳନ କରାଯାଇଛି। ଇଟିଣ୍ଡା ୱାର୍ଡ ନମ୍ବର ୧୪ସ୍ଥ ଗୁରୁଦ୍ୱାରଠାରୁ ଏକ ଭବ୍ୟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଗୁରୁଦ୍ୱାରାରେ ପହଞ୍ଚିଥିଲା। ସର୍ଦ୍ଦାର ରତନ ସିଂ, ସର୍ଦ୍ଦାର ସୁରେନ୍ଦ୍ର ସିଂହ, ସର୍ଦ୍ଦାର କମଲ ସିଂହ, ସର୍ଦ୍ଦାର ଅମରଜିତ ସିଂହ, ଯୋଗେନ୍ଦ୍ର ବେହୁରା, ନିଗମାନନ୍ଦ ପଟ୍ଟନାୟକ, ସୁରଥ ପଟ୍ଟନାୟକ, ବାସୁଦେବ ମହାନ୍ତ, ବିନା ଦେବୀ ରାମ, ଯଶବୀର କୌର, କୋମଲ କୌର, ମନ୍ତୁ ନଗୀ, ବାବ୍ଲି କୌର, ଉର୍ମିଳା କୌର, ସର୍ଦ୍ଦାର କୋନି ସିଂହ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଶେଷରେ ଇଟିଣ୍ଡ ଗୁରୁଦ୍ୱାର କମିଟି ଯୋଗେନ୍ଦ୍ର ବେହୁରା, ସୁରଥ ପଟ୍ଟନାୟକ, ନିଗମାନନ୍ଦ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ପର୍ଯ୍ୟଟନ ବିକାଶ ପ୍ରକଳ୍ପ କାମ ଦେଖିଲେ ଜିଲ୍ଲାପାଳ



ବାରିପଦା,୨୭ ।୧୨(ସମିସ): ଦେବକୁଣ୍ଡଠାରେ ନିର୍ମାଣଧୀନ ପର୍ଯ୍ୟଟନ ବିକାଶ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ହେମକାନ୍ତ ସଏ ଅନୁଧ୍ୟାନ କରିଛନ୍ତି। ଉଦଳା ଉପଖଣ୍ଡ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ସମୀକ୍ଷା ପାଇଁ ଜିଲ୍ଲାପାଳ ଶ୍ରୀ ସଏ କ୍ଷେତ୍ର ପରିଦର୍ଶନରେ ଯାଇଥିବାବେଳେ ଦେବକୁଣ୍ଡ ଯାଇଥିଲେ। ପର୍ଯ୍ୟଟନ ବିକାଶ ନିମନ୍ତେ ପୂର୍ତ୍ତ ବିଭାଗ ପକ୍ଷରୁ ଦେବକୁଣ୍ଡଠାରେ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହାର ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରି ଅଗ୍ରଗତି ସମ୍ପର୍କରେ ନିରୀକ୍ଷଣ କରିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ଜାରି ଥିବାବେଳେ ଏହାକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହା ନିର୍ମାଣ ଦ୍ୱାରା ପର୍ଯ୍ୟଟକଙ୍କ ନିମନ୍ତେ ଅନେକ ସହାୟକ ହେବ। ନିରୀକ୍ଷଣ ସମୟରେ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରୋହନ ଗୌରବ ରୟ ଓ ଅନ୍ୟାନ୍ୟ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଆଲୋଚନା କରିଛନ୍ତି।

# ମୋରମ ବୋଝେଇ ଡମ୍ଫର ଜବତ

ରାସଗୋବିନ୍ଦପୁର, ୨୭।୧୨(ସମିସ): ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ବେଆଇନ ମୋରମ ଓ ମାଟି ଚାଲାଣ ହେଉଥିବାବେଳେ ଆଜି ଉକ୍ତ ଥାନା ଅଧୀନ ବାଘସାହି ଅଞ୍ଚଳରୁ ବେଆଇନ ଭାବେ ମୋରମ ପଡ଼ୋଶୀ ଜିଲ୍ଲା ବାଲେଶ୍ୱରକୁ ଚୋରା ଚାଲାଣ ହେଉଥିବା ସମୟରେ ଖବର ପାଇ ରାସଗୋବିନ୍ଦପୁର ପୁଲିସ ପହଞ୍ଚି ଏକ ଡମ୍ଫରକୁ ଜବତ କରିଛି। ଗାଡ଼ିକୁ ଜବତ କରି ରାସଗୋବିନ୍ଦପୁର ପୁଲିସ ହେପାଜତକୁ ଆଣିଥିବା ସୂଚନା ମିଳିଛି।




# ଠାକୁରମୁଣ୍ଡା ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବ



ମହୁଲଡିହା,୨୭।୧୨(ସମିସ): ଠାକୁରମୁଣ୍ଡା ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବର ଦ୍ୱିତୀୟ ଦିବସରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାଙ୍କ ଭିତରେ ଆତ୍ମବିଶ୍ୱାସ ଜାଗ୍ରତ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଗାନ୍ଧିଜୀଙ୍କ ଭାଷାରେ ଶିଶୁର ସର୍ବାଙ୍ଗୀନ ବିକାଶ ହିଁ ଶିକ୍ଷା। ଏହି ଆଧାରରେ ସରକାର ସବୁ ପିଲାଙ୍କୁ ସ୍କୁଲକୁ ଆଣିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ନବମ, ଦଶମ ଶ୍ରେଣୀରେ ମଧ୍ୟାହ୍ନଭୋଜନ ଆରମ୍ଭ କରାଯାଇଛି। ଛାତ୍ର ବୃତ୍ତିକୁ ୧୦,୫୦୦ରୁ ୧୬,୦୦୦ ଓ ବାଳିକାଙ୍କ ୧୧,୦୦୦ରୁ ୧୭,୦୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି ସରକାର ବୋଲି କହିଛନ୍ତି। ୨୦୩୬ ବିକଶିତ ଓଡ଼ିଶା ଲକ୍ଷ୍ୟ ଓ ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ସାଧନ ପାଇଁ ଶିକ୍ଷାରେ ଉନ୍ନତି ଅପରିହାର୍ଯ୍ୟ। ସେଥିପାଇଁ ଜାତୀୟ ଶିକ୍ଷାନୀତି ଲାଗୁ କରିବାକୁ ଯାଉଛନ୍ତି ସରକାର। ପିଲାମାନେ ବିନା କଷ୍ଟରେ ଲକ୍ଷ୍ୟ ସାଧନ ସମ୍ଭବ ହୁଏ ନାହିଁ ବୋଲି ଶିକ୍ଷାର୍ଥୀଙ୍କ ଉଦ୍ଦେଶ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଧାୟକ ପଦ୍ମଚରଣ ହାଇବୁରୁ, ମୁଖ୍ୟବକ୍ତା ଭାବେ ମେଜର ଡଃ ଦିଲ୍ଲୀପ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଡଃ. ସୁମନ୍ତ ନାଏକ ମଞ୍ଚ ପରିଚାଳନା କରିଥିବାବେଳେ ଉପସଭାପତି ସମାଜସେବୀ ବସନ୍ତ କୁମାର ପଇବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। ଡଃ ହରିଶ ଚନ୍ଦ୍ର ବାରିକ ସଭାପତି ଦାୟିତ୍ୱ ନିର୍ବାହ କରିଥିବାବେଳେ ସମ୍ପାଦକ ଶ୍ରୀମୟ ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସନ୍ଧ୍ୟାରେ ପପୁ ପମ ପମଙ୍କ କମେଡି କାର୍ଯ୍ୟକ୍ରମ ଥିଲା। ଆସନ୍ତାକାଲି ହୀରକ ଜୟନ୍ତୀ ଉଦ୍‌ଯାପିତ ହେବ।

# ଅସହାୟ ମହିଳା | ୧୦ ବର୍ଷ ଧରି ପରିତ୍ୟକ୍ତ ସରକାରୀ କୋଠାରେ ବିତୁଛି ଜୀବନ

ପୁରୁଣିଆ,୨୭।୧୨(ସମିସ):

ପରିତ୍ୟକ୍ତ ସରକାରୀ କୋଠା ପାଲଟିଛି ଅସହାୟ ମହିଳାଙ୍କ ସ୍ଥାୟୀ ବାସସ୍ଥଳୀ। ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲାଣି ଏହି ପରିତ୍ୟକ୍ତ କୋଠାରେ ବିତୁଛି ତାଙ୍କ ଜୀବନ। ତାହା ପୁଣି ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୫୦ ମିଟର ଦୂରରେ। ଅସହାୟ ମହିଳା ଜଣକ ହେଉଛନ୍ତି ମାଳତୀ ସିଂ। ଆଜିକୁ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ସେ ବେତନଟୀ ବ୍ଲକ୍ ଅନ୍ତର୍ଗତ ପୁରୁଣିଆ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପ୍ରାଣୀ ଚିକିତ୍ସାଳୟ ଉଦ୍ଦେଶ୍ୟରେ ନିର୍ମିତ ଏକ ପରିତ୍ୟକ୍ତ କୋଠା ଘରେ ରହୁଛନ୍ତି। କୋଠାଟି ଭୂତକୋଠି ପାଲଟିଥିଲେ ବି ବିନା ଭୟରେ ଏକୁଟିଆ ଘରର ଦ୍ୱାରରେ ଏକ ଲୁଗା ଟାଙ୍ଗି ଦେଇ ହାଡ଼ଭଙ୍ଗା ଶୀତରେ ରହୁଛନ୍ତି।

ହାଣ୍ଡି, ଡେକଚି କି କଡା ପାଖରେ ନ ଥିବାରୁ ଇଟା ଥାକ ଦିଆ ଚୁଲିରେ ପଖାଳ ଖିଆ ବେଲା ଦ୍ୱାରା



ଯେତେକି ରୋଷେଇ ହୁଏ, ସେତେକି ଖାଇ ବଞ୍ଚୁଛନ୍ତି। ମୂଲ ଲାଗିବା ସମ୍ଭବ ହେଉ ନ ଥିବାରୁ କାହାରି ଘରେ କେବେ କେମିତି ଲିପାପୋଛା କାମ କରିଦେଲେ ଖୁସିରେ ଯାହା ଖାଇବାକୁ ଦେଲେ ବା ୧୦/୫୦ ଟଙ୍କା ଦେଲେ ସେତିକିରେ ସେ ବେଶ ଖୁସି। କେଉଁଠାରୁ ଆସି ଏଠାରେ ଏତେବର୍ଷ ରହିଲେଣି, ତାହା ବି ସେ ସ୍ପଷ୍ଟ କହିବାକୁ ଅସମର୍ଥ। ବାହାରୁ ଆସି ରହୁଥିଲେ ବି ଅବଶ୍ୟ ୧୦ କି.ଗ୍ରା. ସରକାରୀ ଚାଉଳ ତାଙ୍କୁ ମିଳିଯାଉଛି। ଏ ପର୍ଯ୍ୟନ୍ତ ଭତ୍ତା ମିଳିପାରିନାହିଁ କି ସରକାରୀ ପ୍ରଧାନମନ୍ତ୍ରୀ ଆବାସ ଗୃହ ମଧ୍ୟ ମିଳିନି। ଉକ୍ତ ଅସହାୟ ମହିଳା ଜଣକ ଭୂମିହୀନ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ତାଙ୍କୁ କିଛି ପଚାରିଲେ ସ୍ପଷ୍ଟ ଉତ୍ତର ମିଳୁ ନ ଥିବାରୁ ମହିଳା ଜଣକ ଏକୁଟିଆ ରହି ରହି ଏ ପ୍ରକାର ଆଚରଣ କରୁଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡ଼ିଲେ ହୁଏତ ମହିଳା ଜଣକ ସମ୍ମାନର ସହ ଜୀବନ ଜିଇଁବାରେ ସଫଳ ହୁଅନ୍ତେ।

